

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୦ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 20 DECEMBER 2023

Vol.No. 34 ■ No. 333■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦେଶର ଇତିହାସରେ ପ୍ରଥମ: ରେକର୍ଡ ନିଲମ୍ବନ

ନୂଆଦିଲ୍ଲୀ, ୧୯/୧୨ : ବିଶୃଙ୍ଖଳା ଆଚରଣ ଅଭିଯୋଗରେ ଉଭୟ ରାଜ୍ୟସଭା ଓ ଲୋକସଭାରୁ ମୋଟ ୧୪୧ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଛି । ଭାରତର ଇତିହାସରେ ପ୍ରଥମଥର ପାଇଁ ସଂସଦରୁ ଏତେ ସଂଖ୍ୟକ ସାଂସଦ ନିଲମ୍ବନ ହେବା ପ୍ରଥମ ଘଟଣା । ଏହି ନିଲମ୍ବନ ପରେ ବିଜେପି ଏବେ ଉଭୟ ଗୃହରେ ନିଜର ସଂଖ୍ୟାକୁ ଆହୁରି ମଜବୁତ କରି ନେଇଛି । ସେହିପରି ବିଜେପି ସହ ଲଢ଼େଇ କରିବାକୁ ଏକାଠି ହୋଇଥିବା ବିରୋଧୀ ମେଣ୍ଟ ଇଣ୍ଡିଆର ସାଂସଦଙ୍କ ସଂଖ୍ୟା ପୂରା ହ୍ରାସ ପାଇଛି । ସୋମବାର ଲୋକସଭାରୁ ୩୩ ଜଣ ସାଂସଦ ନିଲମ୍ବନ ହୋଇଥିବା ବେଳେ ମଙ୍ଗଳବାର ଆଉ ୪୯ ଜଣ ସଦସ୍ୟଙ୍କ ବିରୋଧରେ ସମାନ ପଦକ୍ଷେପ ନିଆଯାଇଛି । ରାଜ୍ୟସଭାରୁ ମଧ୍ୟ ଦୁଇ ଦିନ ଭିତରେ ୫୯ ଜଣ ସାଂସଦଙ୍କୁ ବାହାର ରାସ୍ତା

ଦେଖିବାକୁ ପଡ଼ିଛି । ସଂସଦରେ ହୋଇଥିବା ସୁରକ୍ଷା ତ୍ରୁଟି ଉପରେ ଆଲୋଚନା ପାଇଁ ଦାବି କରି ବିରୋଧୀ ନାରାବାଜୀ କରିବାରୁ ସେମାନଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସଂସଦରୁ ନିଲମ୍ବନ ହୋଇଥିବା ସଦସ୍ୟଙ୍କ ମଧ୍ୟରେ ଶଶି ଥରୁର, କାର୍ତ୍ତି ଚିଦାମ୍ବର, ସୁପ୍ରିୟା ସୁଲେ, ଡିମ୍ପଲ ଯାଦବ ଓ ଫାରୁକ ଅବଦୁଲ୍ଲାଙ୍କ ଭଳି ବରିଷ୍ଠ ନେତା ରହିଛନ୍ତି । ଲୋକସଭାରେ କଂଗ୍ରେସର ଦୁଇ ବଡ଼ ନେତା ଅଧୀର ରଞ୍ଜନ ଚୌଧୁରୀ ଓ ଗୌରବ ଗୋଗୋଇଙ୍କୁ ମଧ୍ୟ ବାହାରକୁ ଯିବାକୁ ପଡ଼ିଛି । ଲୋକସଭାରୁ ୮୨ ସାଂସଦ ନିଲମ୍ବନ ହେବା ପରେ ଏବେ ବିଜେପି ଆହୁରି ଶକ୍ତି ଶାଳୀ ହୋଇଯାଇଛି । ଏବେ କେବଳ ୧୦୦ ଜଣ ବିରୋଧୀ ସାଂସଦ ଲୋକସଭାରେ ରହିଥିବା ବେଳେ ବିଜେପିର ସଂଖ୍ୟା ୩୦୦ ଉପରେ ରହିଛି । ରାଜ୍ୟସଭାରେ ମଧ୍ୟ ଶାସକ ଦଳକୁ ଚ୍ୟାଲେଞ୍ଜ କରିବା ପାଇଁ ୧୦୦ରୁ କମ ସାଂସଦ ରହିଛନ୍ତି । ଏମାନଙ୍କ ମଧ୍ୟରେ ବିଜେପିକୁ ପରୋକ୍ଷରେ ସମର୍ଥନ କରୁଥିବା ଆନ୍ଧ୍ର ପ୍ରଦେଶର ୱାଇଏସ୍‌ଆର କଂଗ୍ରେସ, ଓଡ଼ିଶାର ବିଜେଡିର ସାଂସଦମାନେ ଅଛନ୍ତି । ଇଣ୍ଡିଆ ମେଣ୍ଟର ୧୪୧ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଛି । ଲୋକସଭାରେ ଇଣ୍ଡିଆ ମେଣ୍ଟର ୧୪୨ ଜଣ ସାଂସଦ ଥିବା ବେଳେ ସେମାନଙ୍କ ମଧ୍ୟରୁ ୯୫ ଜଣ ନିଲମ୍ବନ ହୋଇ ସାରିଛନ୍ତି । ସେହିପରି ରାଜ୍ୟସଭାରେ ଥିବା ୧୦୧ ଇଣ୍ଡିଆ ମେଣ୍ଟର ସାଂସଦଙ୍କ ମଧ୍ୟରୁ ୪୬ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ୧୯୮୯ରେ ବିଶୃଙ୍ଖଳା ଆଚରଣ ପାଇଁ ଲୋକସଭାରୁ ସର୍ବାଧିକ ୬୩ ଜଣ ସାଂସଦଙ୍କୁ ନିଲମ୍ବନ କରାଯାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ହତ୍ୟାକୁ ନେଇ ଚାଲିଥିବା ବିତର୍କ ବେଳେ ଏପରି ଘଟଣା ଘଟିଥିଲା ।

# ବୁଖାରୀକୁ ରିମାଣ୍ଡରେ ନେଲା ଏସଟିଏଫ: ଖୋଲିବ ଆତଙ୍କୀ ପେଡ଼ି

ଭୁବନେଶ୍ୱର, ୧୯ /୧୨ (ନି.ପ୍ର): ଫିଟିବ ସନ୍ଦିଗ୍ଧ କଶ୍ମୀରୀ ଆତଙ୍କବାଦୀ ସଇଦ ଇଶାନ ବୁଖାରୀର ଅସଲ ମୁଖା । ଖୋଲିବ ଶତ୍ରୁପକ୍ଷ ପାକିସ୍ତାନର ଆଇଏସଆଇ ଏଜେଣ୍ଟଙ୍କୁ ସେୟାର ହୋଇଥିବା ତଥ୍ୟର ସତ୍ୟ । ସାମ୍ନାକୁ ଆସିବ ଓଡ଼ିଶା ସହ ଦେଶବ୍ୟାପି ବହୁ ବିବାହ ନାଁରେ ଯୁବତୀଙ୍କ ଜୀବନ ସହ ଖେଳିଥିବା ନକଲି ଡାକ୍ତରର ଅସଲ ଚେହେରା । କାରଣ ଯାଜପୁର ରଗଡ଼ି ଜେଲରୁ ୫

ଦିନିଆ ରିମାଣ୍ଡରେ ଆସିଛି ବୁଖାରୀ । ଭୁବନେଶ୍ୱର କ୍ରାଇମବ୍ରାଞ୍ଚ ଅଫିସରେ ବସାଇ ଘାଣ୍ଟୁଛି ଝଞ୍ଚର । ସାମିଲ ହୋଇଛି କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା । ଏଭଳି ସମ୍ଭାବ୍ୟ ପ୍ରଶ୍ନର ଉତ୍ତର ସହ ଏକାଧିକ ବ୍ୟାଙ୍କ ଆକାଉଣ୍ଟରେ ସନ୍ଦେହଜନକ ଆର୍ଥିକ କାରବାରର ପ୍ରମାଣ ମିଳିଥିବାରୁ ସେ ସଂପର୍କରେ ମଧ୍ୟ ତଥ୍ୟ ଆଦାୟ କରିବ କ୍ରାଇମବ୍ରାଞ୍ଚ ଏସଟିଏଫ ଏବଂ ଆଇବି । ଆଗକୁ କଶ୍ମୀର ଓ ପଞ୍ଜାବ ପୁଲିସ ସହ ଏନଆଇଏ ଓଡ଼ିଶା ଆସିପାରେ ବୋଲି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏସ୍‌ପି କିଶୋର କୁମାର ପାଣିଗ୍ରାହୀ କହିଛନ୍ତି । ତେବେ ଆଗକୁ ▶▶ପୃଷ୍ଠା ୭

# ବାଘ ଚମଡ଼ା ବିକିବାକୁ କରୁଥିଲେ ଡିଲ୍: ପଶ୍ଚିମବଙ୍ଗରେ ଧରାପଡ଼ିଲେ ୩ ଓଡ଼ିଆ ଯୁବକ

ପଶ୍ଚିମବଙ୍ଗ, ୧୯ /୧୨ : ଓଡ଼ିଶାରୁ ଯାଇ ପଶ୍ଚିମବଙ୍ଗରେ ବାଘ ଚମଡ଼ା ବିକ୍ରି କରିବାକୁ କରୁଥିଲେ ଡିଲ୍ । କିନ୍ତୁ ଡିଲ୍ ଫାଇନାଲ୍ ହେବା ପୂର୍ବରୁ ମାଡ଼ି ବସିଲା ବନ ବିଭାଗ । ବାଘ ଚମଡ଼ା ବିକ୍ରି ଅଭିଯୋଗରେ ଏଡି ୩ ଅଭିଯୁକ୍ତ ବନ୍ଧା ହୋଇଥିବା ବେଳେ ସେମାନେ କେଉଁ ଜିଲ୍ଲାର ତାହା ସ୍ପଷ୍ଟ ହୋଇନି । ଗିରଫ ୩ ଜଣ ହେଲେ ବିଶେଶ୍ୱର ବାଗ, ଉପେନ୍ଦ୍ର ବାଗ ଏବଂ ରାଜେନ୍ ନାଗ୍ । ଏହି ୩ ଅଭିଯୁକ୍ତ ଓଡ଼ିଶାରୁ ବାଘ ଚମଡ଼ା ନେଇ ପଶ୍ଚିମବଙ୍ଗ ଯାଇଥିଲେ । ସେଠାରେ ସେମାନେ ଉକ୍ତ ଚମଡ଼ାକୁ ୧୦ ଲକ୍ଷରେ ବିକ୍ରି କରିବାକୁ ଉଦ୍ୟମ

ଚଳାଇଥିଲେ । ମାତ୍ର ଏନେଇ ବନ ବିଭାଗ ଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବା ପରେ ଉକ୍ତ ୩ ଅଭିଯୁକ୍ତଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍ ହୋଇଥିଲା । ଏହାପରେ ଯୋଜନା ମୁତାବକ ଚଢ଼ାଉ କରାଯାଇ ସମସ୍ତ ୩ ଅଭିଯୁକ୍ତଙ୍କୁ ବନ ବିଭାଗ ବାନ୍ଧିଥିବା ବେଳେ ସେମାନଙ୍କ ନିକଟରୁ ବାଘ ଚମଡ଼ା ଜବତ କରିଛି । ତେବେ ଏହି ଅଭିଯୁକ୍ତମାନେ ବାଘ ଚମଡ଼ା କେଉଁଠୁ ଆଣିଲେ, ତାକୁ ଓଡ଼ିଶା ବାହାରକୁ ନେବାକୁ କିପରି ସମର୍ଥ ହେଲେ ତାହାର ତଦନ୍ତ ଚଳାଇଛି ପୁଲିସ୍ ।

# ଦେବଗଡ଼ରୁ ଅପହୃତ ଶିଶୁକନ୍ୟା ସୁନ୍ଦରଗଡ଼ରୁ ଉଦ୍ଧାର

ଦେବଗଡ଼, ୧୯/୧୨ (ନି.ପ୍ର): ଗତକାଲି ଦେବଗଡ଼ରୁ ଅପହୃତ ହୋଇଥିବା ୬ ବର୍ଷର ଶିଶୁକନ୍ୟା ସୁନ୍ଦରଗଡ଼ରୁ ଉଦ୍ଧାର ହୋଇଛି । ସୁନ୍ଦରଗଡ଼ ଜିଲ୍ଲାର ବଡ଼ ଗାଁ ରାସ୍ତା କଡ଼ରୁ ସ୍ଥାନୀୟ ଲୋକେ ଆଜି ସକାଳେ ଉଦ୍ଧାର କରିଛନ୍ତି । ଏହା ପରେ ସେମାନେ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଛନ୍ତି । ଝିଅକୁ ଆଣିବା ପାଇଁ ସୁନ୍ଦରଗଡ଼ ବାହାରିଛନ୍ତି ପରିବାର ଲୋକେ । ସୂଚନାଯୋଗ୍ୟ, ଗତକାଲି ଝିଅଟି ଟ୍ୟୁସନରୁ ଆଇ ସହ ଘରକୁ ଫେରୁଥିଲା । ଏହି ସମୟରେ କଳା ପଲସରରେ ଦୁଇ ଜଣ ଦୁର୍ବୃତ୍ତ ଆସି ଆଇକୁ ଧକ୍କା ମାରି ତାକୁ ଉଠାଇ ନେଇଥିଲେ । ପରିବାରେ ଲୋକେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଶିଶୁକନ୍ୟା ଖୋଜାଖୋଜି କରିଥିଲା । ଆଜି ସକାଳେ ଝିଅଟି ସୁନ୍ଦରଗଡ଼ର ବଡ଼ ଗାଁ ରାସ୍ତା କଡ଼ରୁ ମିଳିଥିବା ପରିବାର ଲୋକଙ୍କୁ ସ୍ଥାନୀୟ ଲୋକେ ଜଣାଇଥିଲେ । ▶▶ପୃଷ୍ଠା ୭

# ରାତି ଅଧରେ କାର୍ ଛାଡ଼ି ଚମ୍ପଟ ମାରିଲେ ଗଞ୍ଜେଇ ମାଫିଆ

କୋରାପୁଟ , ୧୯/୧୨ (ନି.ପ୍ର): ରାତି ଅଧରେ ଦାମୀ କାରରେ ଗଞ୍ଜେଇ ଚାଲାଣ କରୁଥିଲେ । ହେଲେ ପାଟ୍ରୋଲିଂ କରୁଥିବା ପୁଲିସ୍ ହାବୁଡ଼ରେ ପଡ଼ିଯାଇଥିଲେ । ପୁଲିସ୍ ହାତରେ ଧରା ପଡ଼ିଯିବା ଭୟରେ ଅନ୍ଧକାର ରାତିରେ ଗାଡ଼ି ଛାଡ଼ି ଚମ୍ପଟ ମାରିଲେ ଗଞ୍ଜେଇ ମାଫିଆ । ଏପରି ଅଭିଯୋଗ କୋରାପୁଟ ଜିଲ୍ଲା ଲମତାପୁଟ ଅଞ୍ଚଳରୁ ଆସିଛି । ସୋମବାର ରାତିରେ ମାଛକୁଣ୍ଡ ଥାନା ଜଲାପୁଟ ଫାଣ୍ଡି ଅଞ୍ଚଳରେ ପୁଲିସ୍ ପାଟ୍ରୋଲିଂ କରୁଥିଲା । ଠିକ୍ ସେହି ସମୟରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସୀମାରୁ ଗୋଟିଏ କାର ଦ୍ରୁତ ଗତିରେ ମାଡ଼ି ଆସୁଥିଲା । ଏହା ଦେଖି ପୁଲିସ୍ କାରକୁ ଅଟକାଇବାକୁ ଚେଷ୍ଟା କରିଥିଲା । ମାତ୍ର କାରଟି ଅଟକିନଥିଲା । ପୁଲିସ କାରକୁ ପିଛା କରିଥିଲା । ଗଞ୍ଜେଇ ମାଫିଆମାନେ ଜଲାପୁଟ ନିକଟସ୍ଥ ଖେମୁଣ୍ଡୁ ଗୁଡା ଗାଁ ପାଖରେ କାର ଛାଡି ଫେରାର ହୋଇଯାଇଥିଲେ । ପୁଲିସ୍ କାର

ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା । କାର ଭିତରୁ ୧୦୪ କେଜି ୭୦୦ ଗ୍ରାମ ଗଂଜେଇ ବାହାରିଥିଲା । ଯାହାର ଅନାମାନିକ ମୂଲ୍ୟ ଲକ୍ଷାଧିକ ହେବ ବୋଲି ପୁଲିସ୍ ଅନୁମାନ କରୁଛି ।

# ଭିଜିଲାନ୍ସ ପଞ୍ଜାରେ ଆରଆଇ ଓ ପିଅନ

ଲମତାପୁଟ , ୧୯/୧୨ (ନି.ପ୍ର): ଲାଞ୍ଚ ନେଇ ଧରାପଡିଲେ ଆରଆଇ ଓ ପିଅନ । ଜମି ଚିହ୍ନଟ ପାଇଁ ଲାଞ୍ଚ ନେବାବେଳେ ଧରାପଡିଲେ । କୋରାପୁଟ ଜିଲ୍ଲା ଲମତାପୁଟରେ ଜମି ଚିହ୍ନଟ ପାଇଁ ଲାଞ୍ଚ ନେବାବେଳେ ମାଡିବସିଲା ଭିଜିଲାନ୍ସ । ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲ୍ଲା ଲମତାପୁଟରେ ଜମି ଚିହ୍ନଟ ପାଇଁ ଲାଞ୍ଚ ନେବା ବେଳେ ଲମତାପୁଟ ଆରଆଇଙ୍କୁ ମାଡ଼ିବସିଲା ଭିଜିଲାନ୍ସ । ମାଲେଙ୍ଗା ଗ୍ରାମର ହରି ନାୟକଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ ଲମତାପୁଟ ଆରଆଇ ବିଜୟ କୁମାର ବାଗ୍ । ଅଭିଯୋଗ ହେବା ପରେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଏହି ମାମଲାରେ ପିଅନ ରହିତ ପାଡ଼ୀଙ୍କୁ ଅଟକ ରଖି ପଚାର ଉଚାର ଜାରି ରଖିଛି । ସେପଟେ ସମ୍ବଲପୁରରେ ଭିଜିଲାନ୍ସ ଚଢାଉ କରିଛି । ଏସଡିଏ କେଳେଙ୍କାରୀ ମାମଲାରେ ଗିରଫ ହୋଇଥିବା ପ୍ଲାନିଂ ମେମ୍ବର ବନ୍ଦିତା ମିଶ୍ର, କନିଷ୍ଠ କିରାଣୀ ଲକ୍ଷ୍ମୀ ନାରାୟଣ ସାମଲଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଥିଲା । ପୂର୍ବରୁ ଜାଲ୍ ଘର ନକ୍ସା ଦେବା ମାମଲାରେ ▶▶ପୃଷ୍ଠା ୭

# ବିକ୍ଷୋଭ ବେଳେ ନକଲ କରୁଥିବା ସାଂସଦଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ ରାଜ୍ୟସଭା ଅଧ୍ୟକ୍ଷ

ନୂଆଦିଲ୍ଲୀ, ୧୯/୧୨ : ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଆଜି ତାଙ୍କର ନକଲ କରୁଥିବା ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୃହରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ ପାଇଁ ଉଭୟ ଗୃହରୁ ଶତାଧିକ ସାଂସଦଙ୍କୁ ନିଲମ୍ବନ କରାଯାଇଛି । ଏହା ବିରୋଧରେ ବିରୋଧୀ ଦଳର ସାଂସଦମାନେ ବିକ୍ଷୋଭ କରୁଛନ୍ତି । ଆଜି ବିକ୍ଷୋଭ ସମୟରେ କଲ୍ୟାଣ ବାନାର୍ଜୀ ରାଜ୍ୟସଭା ଅଧ୍ୟକ୍ଷ ଧନଖଡଙ୍କ ନକଲ କରିଥିଲେ । ଏହାକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ମଧ୍ୟ ରେକର୍ଡିଂ କରିଥିଲେ । କଲ୍ୟାଣ ମିମିକ୍ରି କରୁଥିବା ବେଳେ ସମସ୍ତେ ତାଚ୍ଛଲ୍ୟ କରି ହସିବାରେ ମଧ୍ୟ ଲାଗିଥିଲେ । ଏହାର ଭିଡିଓ ଭାଇରାଲ ହେବା ପରେ ରାଜ୍ୟସଭା ଅଧ୍ୟକ୍ଷ ଧନଖଡ ଗୃହରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି, "ଜଣେ ସାଂସଦ ଥଟ୍ଟା ପରିହାସ କରିବେ ଓ ଆଉ ଜଣେ ସାଂସଦ ଏହାକୁ ରେକର୍ଡିଂ କରିବା ଅତ୍ୟନ୍ତ ଲଜ୍ଜାଜନକ, ହାସ୍ୟାସ୍ପଦ ଓ ଅଗ୍ରହଣୀୟ ।" ବିରୋଧୀ ସାଂସଦମାନେ

ସଂସଦରେ ହୋଇଥିବା ସୁରକ୍ଷା ତ୍ରୁଟି ଉପରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବିବୃତି ଦାବି କରି ଗୃହରେ ନାରାବାଜୀ କରୁଥିଲେ । ଏଥିପାଇଁ ୩ ଦିନ ଭିତରେ ଉଭୟ ଲୋକସଭା ଓ ରାଜ୍ୟସଭାରୁ ଶତାଧିକ ସାଂସଦଙ୍କୁ ଶୀତ ଅଧିବେଶନର ବାକି କାର୍ଯ୍ୟ ଦିବସବୁ ନିଲମ୍ବନ କରାଯାଇଛି । ଏହାକୁ ବିରୋଧ କରି ସାଂସଦମାନେ ସଂସଦ ବାହାରେ ବିକ୍ଷୋଭ କରୁଛନ୍ତି । ▶▶ପୃଷ୍ଠା ୭

# ଶ୍ରୀମନ୍ଦିରରେ ବନକଲାଗି ଆଜି : ୪ ଘଂଟା ଦର୍ଶନ ବନ୍ଦ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ଆସନ୍ତାକାଲି ୨୦.୧୨.୨୦୨୩ , ବୁଧବାର ମାର୍ଗଶିର-ଶୁକ୍ଳ ଅଷ୍ଟମୀ ତିଥି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ଅପରାହ୍ନ ଘ.୪.୦୦ ଟିକାରୁ ରାତ୍ର ଘ.୮.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ମାହାଙ୍ଗା ଡବଲ୍ ମର୍ଡର: ବିଧାୟକ ପ୍ରତାପ ଜେନାଙ୍କୁ ଆଶ୍ୱସ୍ତି

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ବିଧାୟକ ପ୍ରତାପ ଜେନାଙ୍କୁ ମିଳିଛି ଆଶ୍ୱସ୍ତି । ପ୍ରତାପଙ୍କ ପ୍ରତି ଲାଗୁ ପୂର୍ବ ନିର୍ଦ୍ଦେଶ ବଳବତର ରଖିଛନ୍ତି ହାଇକୋର୍ଟ । ପ୍ରତାପଙ୍କ ବିରୋଧରେ ମାମଲା ଚାଲୁ ରଖିବାକୁ ନିମ୍ନ କୋର୍ଟ କହିଥିଲେ । ତେବେ ସାଲେପୁର ଜେଏମଏଫସିଙ୍କ ରାୟକୁ ଚ୍ୟାଲେଞ୍ଜ କରି ପ୍ରତାପ ହାଇକୋର୍ଟ ଯାଇଥିଲେ । ପ୍ରତାପଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ନିର୍ଦ୍ଦେଶ ବଳବତର ରଖିଛନ୍ତି ହାଇକୋର୍ଟ । ଜାନୁଆରୀ ୧୭ ତାରିଖରେ ମାମଲାର ପରବର୍ତୀ ଶୁଣାଣି ହେବ । ପରବର୍ତୀ ଶୁଣାଣି ଯାଏଁ ବିଧାୟକଙ୍କ ବିରୁଦ୍ଧରେ ଏହି ମାମଲାରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ।

# ପୁଣି ଡରାଇଲାଣି କରୋନା: ଜରୁରୀ ବୈଠକ ଡାକିଲେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ

ନୂଆଦିଲ୍ଲୀ, ୧୯/୧୨ : ପୁଣି ଥରେ ଚିନ୍ତା ବଢାଇଛି କରୋନା । କରୋନାକୁ ମହାମାରୀ ତାଲିକାରୁ ହଟାଇ ଦିଆଯାଇ ଥିଲେ ମଧ୍ୟ ପୁଣି କିଛି ଦିନ ହେବ କ୍ରମାଗତ ଭାବେ ରୋଗୀ ଚିହ୍ନଟ ହେବା ସ୍ୱାସ୍ଥ୍ୟ ବିଭାଗକୁ ଚିନ୍ତାରେ ପକାଇଛି । ଏହାକୁ ଦୃଷ୍ଟିରେ ରଖି ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଜରୁରୀ ବୈଠକ ଡାକିଛନ୍ତି । ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀମାନେ ଯୋଗଦେବେ । ବିଭିନ୍ନ ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ମନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ସହ ସ୍ଥିତି ସମୀକ୍ଷା କରିବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ । ସେପଟେ କେରଳରେ ସଂକ୍ରମଣ ଏବଂ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ

ସତର୍କ ରହିବାକୁ ପରାମର୍ଶ ଦେଇଛି । ବିଶେଷ କରି ଆଗକୁ ଖ୍ରୀଷ୍ଟମାସ ଏବଂ ଇଂରାଜୀ ନବବର୍ଷ ଆସୁଥିବାରୁ ଭିଡ ନିୟନ୍ତ୍ରଣ କରିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଜିଲ୍ଲାସ୍ତରରେ ଇନଫ୍ଲୁଏଞ୍ଜା ଲାଇକ୍ ଇଲନେସ୍ ଏବଂ ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ଇଲନେସ ଲକ୍ଷଣ ପ୍ରତି ଦୃଷ୍ଟି ରଖିବାକୁ ପରାମର୍ଶ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ସେହିପରି ଜିଲ୍ଲାସ୍ତରରେ କୋଭିଡ ପରୀକ୍ଷା ସହ ଜଞ୍ଚ-ଚଉଜ ଟେଷ୍ଟ ଏବଂ ପଜିଟିଭ ସାମ୍ପଲକୁ ଜିନମ୍ ସିକ୍ୟୁଏନ୍ସିଂ ପାଇଁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉ କି, କିଛି ଦିନ ହେବ କେରଳରେ ମୃତ୍ୟୁ ସହ କୋଭିଡ ମାମଲା ବୃଦ୍ଧି ପାଉଛି । ରାଜ୍ୟରେ ଚିହ୍ନଟ ହୋଇଥିବା ତଥ୍ୟ ଅନୁଯାୟୀ, ଗୋଟିଏ ସପ୍ତାହ ମଧ୍ୟରେ ଦୈନିକ ମାମଲା ତିନି ଗୁଣା ବଢି ଯାଇଛି । ଡିସେମ୍ବର ୧ରୁ ୧୭ ମଧ୍ୟରେ ୧୦ ଜଣ ରୋଗୀ ପ୍ରାଣ ହରାଇ ସାରିଲେଣି । ସବୁଠାରୁ ଚିନ୍ତାର ବିଷୟ ହେଉଛି କି, କୋଭିଡର ନୂଆ ଭାରିଆଣ୍ଟ ଔଘ.୧ ରୋଗୀ ଭାରତରେ ଚିହ୍ନଟ ହୋଇଛନ୍ତି । କେରଳର ଜଣେ ୭୯ ବର୍ଷୀୟ ବୃଦ୍ଧା ନିକଟରେ ଏହି ଭାରିଆଣ୍ଟରେ ଚିହ୍ନଟ ହୋଇଛନ୍ତି । ଆମେରିକା, ଚୀନ ଓ ସିଙ୍ଗାପୁର ପରେ ଭାରତରେ ଏହି ଭାରିଆଣ୍ଟ ଚିହ୍ନଟ ହେବା ପ୍ରଥମ । ସେପଟେ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି କର୍ଣ୍ଣାଟକ ସରକାର ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛନ୍ତି ।

# ଐତିହ୍ୟ କ୍ୟାବିନେଟ୍ ନିଷ୍ପତ୍ତି : ଫେବୃୟାରୀରେ ହେବ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର, ୧୯ /୧୨ (ନି.ପ୍ର) : ଆସନ୍ତାବର୍ଷ ଫେବୃୟାରୀ ମାସରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ହେବ । ଏଥିପାଇଁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଐତିହ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ର

# ଡାଳଚିନି ଭାବି କାସିଆ ଖାଉଛନ୍ତି ଲୋକ: ଏଫ୍‌ଏସ୍‌ଏସ୍‌ଏଆଇର ଉଦ୍‌ବେଗ, ଯାଞ୍ଚ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ବଜାରରେ ବିକ୍ରି ହେଉଛି ନକଲି ଡାଳଚିନି। ସେ ଗୋଟା ହେଉ ବା ପାଉଡର। ବ୍ରାଣ୍ଡେଡ୍ କମ୍ପାନିର ହେଉ କିମ୍ବା ଖୁଚୁରା। ଏହା ଡାଳଚିନି ନୁହେଁ ବରଂ କାସିଆ। ମୁନାଫାଖୋର ବ୍ୟବସାୟୀ ଡାଳଚିନି ବଦଳରେ କାସିଆକୁ ବ୍ୟବହାର କରି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ ଆସିଛି। ଡାଳଚିନି ତୁଳନାରେ କାସିଆ ଶସ୍ତା। ତରକାରୀରେ ଡାଳଚିନିର ବହୁଳ ବ୍ୟବହାର ରହିଥିବାରୁ ଲୋକମାନେ ମଧ୍ୟ ବର୍ଷ ବର୍ଷ ଧରି କାସିଆକୁ ଡାଳଚିନି କହି ଲୋକଙ୍କ ଅଜାଣତରେ ବେପାରୀମାନେ ବେଶ୍ ଲାଭ ଉଠାଉଛନ୍ତି।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ଙ୍କ ନିକଟରେ ବଜାରରେ ନକଲି ଡାଳଚିନି ନେଇ ବହୁ ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ବଜାରରେ ଉପଲବ୍ଧ ଡାଳଚିନିର ଯାଞ୍ଚ ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିଭିତ୍ତିରେ ରାଜ୍ୟବ୍ୟାପୀ ବଜାରରେ ବିକ୍ରି ହେଉଥିବା ଡାଳଚିନିର ନମୁନା ସଂଗ୍ରହ ଆରମ୍ଭ ହୋଇଛି। ଉଭୟ ଖୁଚୁରା ଓ ଷ୍ଟକିଷ୍ଟ୍‌ଙ୍କଠାରୁ ନମୁନା ସଂଗ୍ରହ କରାଯାଉଛି। ଆସନ୍ତା କିଛିଦିନ ଭିତରେ ସଂଗୃହୀତ ନମୁନାର ରିପୋର୍ଟ ଆସିବ ବୋଲି ସୂଚନା ମିଳିଛି।

କାସିଆ ପ୍ରାୟତଃ ଦେଖିବାକୁ ଡାଳଚିନି ଭଳି। ଏଥିରେ କେମେରିନ ସ୍ତର ଅଧିକ ରହିଥାଏ। ଯାହାକି ଦେହ ପାଇଁ ଖରାପ। ମାତ୍ର ଅନେକ ଡାଳଚିନିର ଭ୍ରମ ଦେଖାଇ ବିକ୍ରି କରୁଛନ୍ତି। ଡାଳଚିନି(ସିନାମନ) ମୁଖ୍ୟତଃ ଦକ୍ଷିଣ ଭାରତ ଓ ଶ୍ରୀଲଙ୍କାରେ ଉତ୍ପାଦିତ ହୋଇଥାଏ। ଅପରପକ୍ଷରେ କାସିଆ ଚୀନ୍, ଭିଏତନାମ ଓ ଇଣ୍ଡୋନେସିଆରେ ଦେଖିବାକୁ ମିଳିଥାଏ। ଡାଳଚିନି ଓ କାସିଆ ଭିତରେ ଫରକ୍ ଜାଣିବା ସାଧାରଣ ଲୋକଙ୍କ ପକ୍ଷରେ ମୁସ୍କିଲ୍। ଉଭୟ ଉତ୍ପାଦରେ ରସାୟନିକ। ତେଣୁ ବ୍ୟବସାୟୀମାନେ କାସିଆକୁ ଡାଳଚିନି କହି ବିକ୍ରି କରିଥାନ୍ତି। ୨୦୧୬ ମସିହା ନଭେମ୍ବର ୨୪ ତାରିଖରେ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ଡାଳଚିନିକୁ ନେଇ ଯେଉଁ ସଂଶୋଧିତ ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା, ତହିଁରେ କେମେରିନ ସ୍ତର ୦.୩%ରୁ ଅଧିକ ନ ହେବା ସଂପର୍କରେ ଉଲ୍ଲେଖ ରହିଛି। ଏପରିକି ଡାଳଚିନିର ବିଭିନ୍ନ ଭେରାଇଟିରେ ମଧ୍ୟ କେମେରିନ ୦.୨% ଦେଖିବାକୁ ମିଳିଥାଏ। ମାତ୍ର କାସିଆରେ କେମେରିନ ସ୍ତର ୦.୮%ରୁ ୧୦.୬୩% ରହିଛି। ଭାରତୀୟ ସ୍ପାଇସ୍ ବୋର୍ଡ ପକ୍ଷରୁ କେମେରିନ ସ୍ତର ଚିହ୍ନଟ ପାଇଁ ଏଚ୍‌ପିଏଲ୍‌ସି ମେଥଡ୍ ବ୍ୟବହାର କରିବା କହିଛନ୍ତି।

ରାଜ୍ୟ ଖାଦ୍ୟ ସୁରକ୍ଷାର ଜଣେ ଅଧିକାରୀଙ୍କ ମତରେ ଏଫ୍‌ଏସ୍‌ଏସ୍‌ଏଆଇର ନିର୍ଦ୍ଦେଶ ପରେ ରାଜ୍ୟବ୍ୟାପୀ ନମୁନା ସଂଗ୍ରହ ଆରମ୍ଭ କରାଯାଇଛି। ରାଜ୍ୟରେ ଉପଲବ୍ଧ ହେଉଥିବା ସ୍ଥାନୀୟ ବ୍ରାଣ୍ଡ, ଅନ୍ୟ ବ୍ରାଣ୍ଡ ସମେତ ଖୋଲାରେ ମିଳୁଥିବା ଡାଳଚିନିର ନମୁନା ସଂଗ୍ରହ ଚାଲିଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ଡାଳଚିନି ଓ କାସିଆକୁ କିଭଳି ଲୋକମାନେ ଚିହ୍ନିବେ ତାହା ସଂପର୍କରେ ସଚେତନ କରାଯିବ ବୋଲି ଅଧିକାରୀ ଜଣକ ସ୍ପଷ୍ଟ କରିଛନ୍ତି।

## ପୌରପାଳିକାରେ ଯୁବ ଓଡିଶା ନବୀନ ଓଡିଶା ପ୍ରସ୍ତୁତି ବୈଠକ

ପୁରୀ , ୧୯/୧୨ (ନି.ପ୍ର):ପୁରୀ ପୌରାଂଚଳରେ ଯୁବ ଓଡିଶା ନବୀନ ଓଡିଶା ଯୋଜନା ର ସଫଳ ରୂପାୟନ ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି । ପୌର ପରିଷଦର ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ।ଏହା ପିଲା ମାନଙ୍କ ପ୍ରତିଭା ଚୟନର ଏକ ବଡ ପ୍ଲାଟଫର୍ମ ।ପିଲା ମାନଙ୍କ କ୍ୟାରିଅର ପାଇଁ ଏହା ଏକ ସୁନ୍ଦର ପ୍ରୟାସ।ତେଣୁ ଏହାକୁ ଶୃଙ୍ଖଳା ର ସହ ଆୟୋଜନ ପାଇଁ ପ୍ରତ୍ୟେକ ସହଯୋଗ କରିବାକୁ ଶ୍ରୀ ସ୍ୱାଇଁ ଅନୁରୋଧ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଯୋଜନାର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। କ୍ରୀଡା, ସଂସ୍କୃତି ଓ ସାମାଜିକ ପଦକ୍ଷେପ ସମ୍ପର୍କରେ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ପାଇଁ ପ୍ରତିଯୋଗୀ ମାନେ ନାମ ପଞ୍ଜିକରଣ କରିସାରିଛନ୍ତି।ତେଣୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା କରି ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯିବ।ଏଥିପାଇଁ ପ୍ରତିଯୋଗିତା ସୂଚୀ ଚୂଡାନ୍ତ କରାଯାଇଛି।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷାନୁଷ୍ଠାନ ର କ୍ରୀଡା ଶିକ୍ଷକ ମାନେ ଯୋଗ ଦେଇଥିଲେ।

# ଆଥଲେଟିକ ଏବଂ ସାମାଜିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମାଲକାନଗିରି, ୧୯/୧୨ (ନି.ପ୍ର): ଓଡିଶା ସରକାରଙ୍କ ଦ୍ୱାରା ଚାଲୁ ରହିଥିବା ନୂତନ, ଉନ୍ନତ, ଅଭିଳାଷ-ଓଡିଶା (ନୂଆ-ଓ) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଆଥଲେଟିକ ଏବଂ ସାମାଜିକ କାର୍ଯ୍ୟକ୍ରମ ଆଜି ଉଦଘାଟିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନେ ମଶାଲ ରାଲି କରି ଫେରିବା ପରେ ସାମାଜିକ କାର୍ଯ୍ୟକ୍ରମ ସୂଚୀ ଅନୁସାରେ ପ୍ରାୟତଃ ଏକ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ଲାକାର୍ଡ ଧରି ସମାଜରେ ଥିବା ସାମାଜିକ ସମସ୍ୟା ଯେପରିକି ବାଲ୍ୟ ବିବାହ ବନ୍ଦ କରିବା, ନିଶା ମୁକ୍ତ ସମାଜ ଗଠନ, ଶିକ୍ଷାର ପ୍ରଗତି, ଅନ୍ଧ ବିଶ୍ୱାସରୁ ଦୁରେଇ ରହିବା ଇତ୍ୟାଦି ସ୍ଲୋଗାନ ମାନ ଦେଇ ସମାଜକୁ ସଚେତନତାର ବାର୍ତା ଦେବା ପାଇଁ ଚେଷ୍ଟା କରିଥିଲେ। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରିର ପୂର୍ବତନ ବିଧାୟକ ମାନସ ମାଡ଼କାମୀ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡା ଓ ସମାଜ ସଂସ୍କାର କାର୍ଯ୍ୟକ୍ରମରେ ସାମିଲ ହେବାକୁ ପ୍ରେରଣା ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମାଲକାନଗିରି ପଂଚାୟତ ସମିତିର ଅଧକ୍ଷା ଗୌରୀ ପଡିଆମୀ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କର କ୍ରୀଡା ଓ ସାମାଜିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି ଯୋଗଦାନ କରି କ୍ରୀଡାରେ ରହିଥିବା ବିଭିନ୍ନ ସୁଯୋଗ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନୋଡାଲ ଅଧିକାରୀ ଡ଼. ରଞ୍ଜନ କୁମାର ସ୍ୱାଇଁ ସହଯୋଗ କରିଥିବା ବେଳେ ଯୁକ୍ତ ୨ ବର୍ଗର ନୋଡାଲ ଅଧିକାରୀ ଉମେଶ ଚନ୍ଦ୍ର ରାଉତ କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୌତମ ନାୟକ, ସୁଶାନ୍ତ ମାଝୀ, ଟୁକୁନା ବଡୁ, ପ୍ରମୀୟ କୁମାର ମହାନ୍ତି, ବି ଗୁପ୍ତେଶ୍ୱର ରାଓ, ଅଧ୍ୟାପିକା ପ୍ରେମରେଖା ଭତ୍ରା, ଲିପ୍ସାରାଣୀ ନାୟକ, ଆରତୀ ଲୁଗୁନ, ଦିପ୍ତୀରେଖା ମିଶ୍ର ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ! ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଓ ଆଲୁମୁନି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗୌରୀ ପ୍ରଡ଼କ୍ସନ ସମସ୍ତ କାର୍ଯ୍ୟକ୍ରମକୁ ନିଜ କ୍ୟାମେରା ଓ ଡ୍ରୋନ କ୍ୟାମେରା ସାହାଯ୍ୟରେ ଫଟୋ ଓ ଭିଡିଓ ଉତୋଳନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗଣେଶଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ଗ୍ରୁପ ସୁନ୍ଦର ଢେମସା ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନଙ୍କୁ ଉତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ନୋଡାଲ ଅଧିକାରୀ ଡ଼. ରଞ୍ଜନ କୁମାର ସ୍ୱାଇଁ ତଦାରଖ କରିଥିବା ବେଳେ ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ମାନଙ୍କ ତୀର୍ଥ ଯାତ୍ରା ଯୋଜନା : କଳାହାଣ୍ଡିରୁ ୨୧୦ ଜଣ ନାସିକ ଓ ସିରିଡି ଯାତ୍ରା

ଭବାନୀପାଟଣା, ୧୯/୧୨ (ନି.ପ୍ର): ସ୍ଥାନୀୟ ରେଡକ୍ରସ କଲ୍ୟାଣମଣ୍ଡପ ଠାରେ ଅପରାହ୍ନ ୩ଟା ସମୟରେ କଳାହାଣ୍ଡି ଜିଲ୍ଲାର ୨୧୦ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ୬ ଟି ବସ ରାୟଗଡା ରେଳ ଷ୍ଟେସନ ଅଭିମୁଖେ ଯାତ୍ରା କରିଛି । ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର ସବୁଜ ପତାକା ଦେଖାଇ ବରିଷ୍ଠ ନାଗରିକମାନଙ୍କ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ ଓ ଶୁଭେଚ୍ଛା ଜଣାଇଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସମବେତ ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଦେବଦର୍ଶନ ସହ ଦର୍ଶନୀୟ ତୀର୍ଥ ସ୍ଥାନ ଭ୍ରମଣ କରି ଖୁସିରେ ଜିଲ୍ଲାକୁ ଫେରନ୍ତୁ ବୋଲି ଶୁଭ କାମନା କରିଥିଲେ । ୨୧୦ ଜଣ ତୀର୍ଥଯାତ୍ରୀ ମାନଙ୍କ ପାଇଁ ୭ ଜଣ ଏସ୍କଟ ଅଧିକାରୀ ମଧ୍ୟ ଯାତ୍ରା କରୁଛନ୍ତି । ଆସନ୍ତା କାଲି ରାୟଗଡା ରେଳ ଷ୍ଟେସନ ଠାରେ ଏକ ସ୍ୱତନ୍ତ୍ର ଟ୍ରେନ ରେ ଅନ୍ୟ ୫ ଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ନାସିକ ଓ ଶିରିଡ଼ିକୁ ଯାତ୍ରା କରିବେ ଏବଂ ଡିସେମ୍ବର ୨୪ ତାରିଖରେ ଜିଲ୍ଲାକୁ ଫେରିବେ । ପୂର୍ବରୁ ଏହି ଯୋଜନାରେ ଜିଲ୍ଲାରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ମଥୁରା, ବୃନ୍ଦାବନ, ଭେଲୋର୍, ତିରୁପତି, ଶ୍ରୀକଳାହସ୍ତୀ ଦର୍ଶନୀୟ ଧାର୍ମିକ ସ୍ଥଳ ଭ୍ରମଣ ର ସୁଯୋଗ ନେଇଛନ୍ତି। ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଆଇ ଆର ଟି ସି ପକ୍ଷରୁ ତୀର୍ଥଯାତ୍ରୀ ମାନଙ୍କ ପାଇଁ ପରିବହନ ଓ ପ୍ରତ୍ୟାବର୍ତନର ସମସ୍ତ ସୁବିଧା ସହ ଯାତ୍ରା ସମୟରେ ରହିବା, ଖାଦ୍ୟ ଆଦିର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଡିଆଇପିଆରଓ ମନୋଜ ବେହେରା, ଡିଟିଓ ସୁବୋଧ କୁମାର ଛତ୍ରିଆ ଓ ଓରମାସ ଡେପୁଟି ସିଇଓ ଜର୍ଜ କେରକେଟା ପ୍ରମୁଖ ଉପସ୍ଥିତ ଥିଲେ ।

## ସୋତିରେ ଲକ୍ଷ୍ମୀନାରାୟଣ ପୂଜା

କୋରେଇ, ୧୯/୧୨ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଂଚାୟତର ସୋତି ଗ୍ରାମରେ ଚଳିତ ବର୍ଷ ନବମ ବାର୍ଷିକ ଲକ୍ଷ୍ମୀ ୀନାରାୟଣ ପୂଜା ମହାସମାରୋହରେ ପାଳିତ ହୋଇଛି । ପୂଜକଭାବେ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା ଓ କାର୍ତିକ ଚନ୍ଦ୍ର ପଣ୍ଡା, ସହଯୋଗୀ ଭାବେ ବିନାୟକ ପଣ୍ଡା କାର୍ଯ୍ୟାରମ୍ଭ କରିଥିଲେ । କର୍ତାଭାବେ ଦିଗମ୍ବର ନାୟକ ଓ ଅନ୍ନପୂର୍ଣ୍ଣା ନାୟକ ଯୋଗଦାନ କରିଥିଲେ । ବିଧି ଅନୁଯାୟୀ କଳସ ବୁଡା ପରେ ସମସ୍ତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମୂହ ପ୍ରସାଦ ସେବନ ବବ୍ୟବସ୍ଥା କରାଯାଇଥିଲା । ଏହି ପୂଜାରେ ବିଦ୍ୟାଧର, ସଦାନନ୍ଦ, ବିଜୟସତ୍ୟାନନ୍ଦ, ସନ୍ତୋଷ, ପ୍ରଫୁଲ୍ଲ, ସଂଜୀବ ପ୍ରମୁଖ ସହଯୋଗ କରିଥିଲେ ।

# ଓଡଣ ଷଷ୍ଠୀରେ ଶ୍ରୀଜୀଉଙ୍କ ଘୋଡ଼ଲାଗି

ପୁରୀ, ୧୯/୧୨ (ନି.ପ୍ର): ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ମାନବୀୟ ଲୀଳା ମଧ୍ୟରେ ପ୍ରାବରଣ ଷଷ୍ଠୀ ଉତ୍ସବ ଅନ୍ୟତମ। ଯିଏ ପରମ ବ୍ରହ୍ମ ନିରାକାର ପରମାତ୍ମା ତାଙ୍କୁ ସାଧାରଣ ଜୀବ ମାନଙ୍କ ପରି ଶୀତ ଅନୁଭୂତ ହୁଏ। ମହାପ୍ରଭୁଙ୍କର ଏହି ଲୀଳା 'ପ୍ରାବରଣ ଯାତ୍ରା' ବା "ଓଡ଼ଣ ଷଷ୍ଠୀ'ନାମରେ କଥିତ । ମାର୍ଗଶିର ଶୁକ୍ଳଷଷ୍ଠୀ ବା ଓଡ଼ଣଷଷ୍ଠୀ ଠାରୁ ମାଘ ଶୁକ୍ଳ ପଂଚମୀ ବା ବସନ୍ତ ପଂଚମୀ ପୂର୍ବଦିନ ପର୍ଯ୍ୟନ୍ତ ଠାକୁର ମାନଙ୍କ ଶ୍ରୀବିଗ୍ରହରେ ଘୋଡ଼ଲାଗି ହୋଇଥାଏ । ବସନ୍ତ ପଂଚମୀ ଦିନ ବସନ୍ତ ଉତ୍ସବ ସମାପ୍ତି ପରେ ଟେକାଘୋଡ଼ ଲାଗି ହୋଇଥାଏ । ଶୀତର ପ୍ରକୋପ କମି ଆସିଲେ ସାଧାରଣ ଲୋକେ ଯେପରି ପତଳା ଚାଦର ଓ ଜାମା ପରିଧାନ କରିଥାନ୍ତି, ମହାପ୍ରଭୁ ସେହିପରି ବସନ୍ତ ପଂଚମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଜାମା ବା ଟେକାଘୋଡ଼ ପରିଧାନ କରିଥାନ୍ତି । ଶ୍ରୀମନ୍ଦିରରେ ପାଳିତ ହେଉଥିବା ପ୍ରସିଦ୍ଧ 'ଦ୍ୱାଦଶ ଯାତ୍ରାମାନଙ୍କ ମଧ୍ୟରୁ ଏହି ଯାତ୍ରା ଅନ୍ୟତମ । ସମସ୍ତ ସପ୍ତଧା ବିଗ୍ରହ ସହିତେ ଶ୍ରୀ କ୍ଷେତ୍ରର ସମସ୍ତ ଦେବାଦେବୀଙ୍କୁ ଘୋଡ଼ଲାଗି ଅନୁଷ୍ଠିତ ହୋଇଥାଏ। ଏକାମ୍ର କ୍ଷେତ୍ରରେ ମହାପ୍ରଭୁ ଲିଙ୍ଗରାଜଙ୍କ ମଧ୍ୟ ଏହା ହେଉଛି ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଯାତ୍ରା। ମହାପ୍ରଭୁ ଏହି ଦିନ ନୂତନ ଘୋଡ଼ ପରିଧାନ କରିଥାନ୍ତି। ଏହି ଉତ୍ସବ ମାର୍ଗଶୀର ଶୁକ୍ଳ ଷଷ୍ଠୀ ତିଥିରେ ପାଳିତ ହେଉଥିଲେ ମଧ୍ୟ ଏହାର ଅଧିବାସ ବିଧି ତାହାର ପୂର୍ବଦିନ ପଂଚମୀ ତିଥିରେ ଅନୁଷ୍ଠିତ ହୋଇଥାଏ । ପଂଚମୀ ଦିନ ମହାପ୍ରଭୁଙ୍କର ରାତ୍ର ଚନ୍ଦନଲାଗି ବଢ଼ିବା ପରେ ପତନି, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ, ମଦନମୋହନଙ୍କ କବରୀ , ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗମଣ୍ଡପ ଘରେ ଅଧିବାସ ପାଇଁ ରହିଥାଏ । ଏହା ଆଗରୁ ଭୋଗମଣ୍ଡପ ଘର ଧୋପଖାଳ ହୋଇ ଚାନ୍ଦୁଆ ବନ୍ଧା ଯାଇଥାଏ । ପୂଜାପଣ୍ଡାଙ୍କ ଦ୍ୱାରା କଟା ଯାଇଥିବା ତିନିଗୋଟି ମଣ୍ଡଳ ଉପରେ ଚାଙ୍ଗଡ଼ାରେ ଘୋଡ଼ମାନଙ୍କୁ ରଖାଯିବା ପରେ ଅଧିବାସ କର୍ମ ବଢ଼ିଥାଏ । ଏହାପରେ ଦ୍ୱାର ବନ୍ଦ କରାଯାଇ ମୁଦ ଦିଆଯାଇଥାଏ । ବଡ଼ସିଂହାର ଭୋଗ ସରି ଠାକୁରମାନଙ୍କର ମଇଲମ ବଢ଼ିବା ପରେ ପାଣି ପଡ଼ି ମହାସ୍ନାନ ବଢ଼େ ଏହାପରେ ଠାକୁରମାନେ ଝିନ ପତନି ଲାଗି ହୁଅନ୍ତି । ସର୍ବାଙ୍ଗଲାଗି(ଚନ୍ଦନ) ବଢ଼ିବା ପରେ ପଇଡ଼, ବିଡ଼ିଆ, ଘଷାମଣୋହି ବଢ଼ି ଆଳତି ହେବା ପରେ ପହୁଡ଼ ହୋଇଥାଏ । ଏହି ଦିନ ଅଧିବାସ ଯୋଗୁଁ ପୁଷ୍ପାଞ୍ଜଳି ଠାକୁର ବା ଶୟନ ଠାକୁର ବିଜେ ହୁଅନ୍ତି ନାହିଁ। ଷଷ୍ଠୀଦିନ ମହାପ୍ରଭୁଙ୍କର ସକାଳଧୂପ ବଢ଼ିବା ପରେ ମଇଲମ ହୁଏ। ଗତ ଦିନ ଭୋଗମଣ୍ଡପ ଘରେ ଅଧିବାସିତ ହୋଇଥିବା ଘୋଡ଼ମାନଙ୍କୁ ଘଂଟ, ଛତା, କାହାଳି ସହ ପଟୁଆରରେ ବଡ଼ଦେଉଳକୁ ସାଢ଼େ ତିନିବେଢ଼ା ଓ ରତ୍ନସିଂହାସନକୁ ସାଢ଼େ ତିନିବେଢ଼ା, ଏହିପରି ସମୁଦାୟ ସାତବେଢ଼ା ପ୍ରଦକ୍ଷିଣ କରାଇ ରତ୍ନ ସଂହାସନକୁ ବିଜେ କରାଯାଏ। ସିଂହାସନରେ ସିଂହାରୀ ପୁଷ୍ପାଳକଙ୍କ ଦ୍ୱାରା ଠାକୁରମାନଙ୍କର ପାଗ ଓ ଘୋଡ଼ ଲାଗି ବଢ଼ିଲେ ଛଅମୂର୍ତି ଅଳଙ୍କାର ଲାଗି ହୋଇ ଶ୍ରୀଅଙ୍ଗରେ ପ୍ରସାଦଲାଗି ବଢ଼ିଲେ ତିନି ବାଡ଼ରେ ବନ୍ଦାପନା ହୋଇଥାଏ । ଏହାପରେ ଅନ୍ୟାନ୍ୟ ନୀତି ମାନ ଅନୁଷ୍ଠିତ ହୋଇଥାଏ । ପ୍ରତିଦିନ ଅବକାଶ ପରେ, ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟାଧୂପ ପରେ ଘୋଡ଼ଲାଗି ହୁଏ । ଘୋଡ଼ଲାଗି ବେଶରେ ଗଡ଼ା (ସୂତା ବସ୍ତ୍ର), ଖଣ୍ଡୁଆ ପାଟ, ଭେଲଭେଟ୍ ର ଘୋଡ଼ବସ୍ତ୍ର, ଫୁଟା, ମଫଲର, ଟୋପର ଆଦି ବ୍ୟବହୃତ ହୋଇଥାଏ । ଏହି ବେଶରେ ଠାକୁରମାନେ ଚୂଳଲାଗି ହୁଅନ୍ତି । ବିଧି ଅନୁଯାୟୀ, ଠାକୁରମାନେ ପ୍ରତ୍ୟେକ ବାରରେ ଭିନ୍ନ ଭିନ୍ନ ରଙ୍ଗର ଘୋଡ଼ ବସ୍ତ୍ର ଲାଗି ହୋଇଥାନ୍ତି । ସୋମବାର କଳାଛିଟ ମିଶା ଧଳା ରଙ୍ଗ, ମଙ୍ଗଳବାର ବାରପାଟିଆ (ପଂଚରଙ୍ଗମିଶା), ବୁଧବାର ନୀଳରଙ୍ଗ, ଗୁରୁବାର ବସନ୍ତ (ହଳଦିଆ) ରଙ୍ଗ, ଶୁକ୍ରବାର ଧଳା ରଙ୍ଗ, ଶନିବାର କଳା ଓ ରବିବାର ଲାଲ ରଙ୍ଗର ହୋଇଥାଏ। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ଆବଶ୍ୟକ ଘୋଡ଼ ବସ୍ତ୍ରମାନଙ୍କୁ ଶ୍ରୀମନ୍ଦିରର ପାରମ୍ପରିକ ଦରଜୀ ସେବକମାନେ ଏକ ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରିଥାନ୍ତି । ପ୍ରତିବର୍ଷ ଏହା ନୂତନ ଭାବେ ନିର୍ମିତ କରାଯାଇଥାଏ। 'ନୀଳାଦ୍ରି ମହୋଦୟ' ରେ କୁହାଯାଇଛି, ଯେଉଁମାନେ ମହାପ୍ରଭୁଙ୍କର ଏହି ପ୍ରାବରଣ ଯାତ୍ରାକୁ ଦର୍ଶନ କରନ୍ତି, ସେମାନଙ୍କର ମନସ୍କାମନା ପୂର୍ଣ୍ଣ ହୁଏ ଓ ମୃତ୍ୟୁ ପରେ ବୈକୁଣ୍ଠ ପ୍ରାପ୍ତି ହୁଏ।

## ଜୟପୁର ବ୍ଲକରେ ଆମ ସଂକଳ୍ପ ବିକଶିତ ଭାରତ ରଥ

ଜୟପୁର, ୧୯/୧୨ (ନି.ପ୍ର): କେନ୍ଦ୍ର ସରକାରଙ୍କ ଆମ ସଂକଳ୍ପ ବିକଶିତ ଭାରତ ରଥ ଜୟପୁର ବ୍ଲକରେ ପହଂଚିଛି । ଜୟପୁର ବ୍ଲକର ପୁଜାରିପୁଟ ଓ ଜୟନ୍ତୀଗିରିରେ ଆଜି ସଚେତନ କରୁଛି ରଥ । ଏପରି ଜୟପୁର ବ୍ଲକର ୨୨ଟି ପଂଚାୟତରେ ଏହି ରଥ ଭ୍

# ତ୍ୱଚା ପାଇଁ ଅଲିଭ୍ ଅଏଲ୍

**ଅଲିଭ୍ ଅଏଲରେ ପ୍ରଚୁର ପରିମାଣରେ ଭିଟାମିନ, ମିନେରାଲ, ନାଚୁରାଲ ଫ୍ୟାଟି ଏସିଡ୍, ଆଣ୍ଟି ଏଜିଂ ତତ୍ତ୍ୱ, ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି, ଯାହାକି ତ୍ୱଚା ପାଇଁ ବେଶ୍ ଉପକାରୀ। ଜାଣି ରଖନ୍ତୁ ଏହାର ବ୍ୟବହାର ସମ୍ପର୍କରେ....**

- ଗାଧୋଇବା ପୂର୍ବରୁ ଦେହରେ ଭଲଭାବେ ଅଲିଭ ଅଏଲ ମସାଜ କରିଦିଅନ୍ତୁ। ଏହାଦ୍ୱାରା ତ୍ୱଚା ଚିକ୍କଣ ଏବଂ ସୁନ୍ଦର ରହିବ। ଆପଣ ଚାହିଁଲେ ବାଥଟବରେ ୪-୫ଚାମଚ ଅଲିଭ ଅଏଲ ପକାଇ ଗାଧୋଇ ପାରିବେ।

- ଅଲିଭ ଅଏଲ ଭଲ ବଡ଼ିଲୋସନ ଭଳି କାମ କରିଥାଏ। ଏହା ତ୍ୱଚାକୁ ଶୁଷ୍କ ହେବାରୁ ଦୂରେଇ ରଖିବା ସହ ମୁଲାୟମ କରିଥାଏ।

- ତ୍ୱଚାରୁ ମେକଅପ ଛଡ଼ାଇବା ଲାଗି ଅଲିଭ ଅଏଲ ବ୍ୟବହାର କରନ୍ତୁ। ଅନ୍ୟ ମେକଅପ ରିମୁଭର୍ ତୁଳନାରେ ଅଲିଭ ଅଏଲ ତ୍ୱଚାରୁ ଭଲଭାବେ ମେକଅପ ଛଡ଼ାଇବା ସହ ତ୍ୱଚାକୁ ସଫ୍ଟ ମଧ୍ୟ କରିଥାଏ।

- କେଶ ପାଇଁ ମଧ୍ୟ ଅଲିଭ ଅଏଲ୍ ବେଶ୍ ଉପକାରୀ। ଦୁଇ ଚାମଚ ଅଲିଭ୍ ଅଏଲରେ ଏକ ଚାମଚ ଲେମ୍ବୁ ରସ ଏବଂ ଗୋଟିଏ କଞ୍ଚାଅଣ୍ଡା ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ କେଶର ମୂଳରୁ ଅଗ୍ରଭାଗ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ବର୍ତ୍ତମାନ ଶାମ୍ପୁ କରି କଣ୍ଡିଶନର ଲଗାନ୍ତୁ।

- ତ୍ୱଚାର ରଙ୍ଗ ସଫା ଏବଂ ଚମକପ୍ରଦ କରିବା ଲାଗି ଅଲିଭ ଅଏଲ ବେଶ୍ ଲାଭଦାୟକ। ଏକ ଚାମଚ ଅଲିଭ ଅଏଲ ସହତ ଗୋଟିଏ କଞ୍ଚା ଅଣ୍ଡା କେଶର ଏବଂ ଏକ ଛୋଟ ଚାମଚ ଲେମ୍ବୁ ରସ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ମୁହଁକୁ ଭଲଭବେ ଧୋଇ ପୋଛି ଦିଅନ୍ତୁ ଏବଂ ଏହି ମିଶ୍ରଣକୁ ଲଗାଇ ୫-୧୦ମିନିଟ୍ ପର୍ଯ୍ୟନ୍ତ ରଖିବା ପରେ ପ୍ରଥମେ ନଖ ଉଷୁମ ପାଣିରେ ଏବଂ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ।

- ରାତିରେ ଶୋଇବା ପୂର୍ବରୁ ଅଳ୍ପ ଅଲିଭ ଅଏଲ ନେଇ ଆଖି ଚାରିପାଖରେ ମସାଜ କରନ୍ତୁ।

## ମାନସିକ ଶାନ୍ତି ଲାଗି...

- ନିଜର ଚିନ୍ତାଧାରାକୁ ସବୁବେଳେ ସକାରାତ୍ମକ ରଖନ୍ତୁ। କାରଣ ଆପଣଙ୍କ ଚିନ୍ତାଧାରା ହିଁ ବାସ୍ତବ ରୂପ ନେଇଥାଏ। ଚିନ୍ତଧାରା ନକାରାତ୍ମକ ହେଲେ କାର୍ଯ୍ୟ ମଧ୍ୟ ନକାରାତ୍ମକ ହୋଇଥାଏ।

- ଆଜି ଯଦି ଆପଣଙ୍କ ସହଂ କିଛି ବି ଭୁଲ ହୋଇଛି, ତେବେ ନିରାଶ ହୁଅନ୍ତୁ ନାହିଁ। ପ୍ରତ୍ୟେକ କାର୍ଯ୍ୟକୁ ଏକାଗ୍ରତା ଓ ସଚ୍ଚୋଟ ମନୋଭାବ ସହ କରନ୍ତୁ।

- ଗୋଟିଏ ମୁହୂର୍ତ୍ତ ଖରାପ ଥିଲା, ମାନେ ନୁହେଁ ଯେ ସବୁବେଳେ ପାଇଁ ସେହି ଖରାପ ସମୟ ଲାଗି ରହିଥିବ। ତେଣୁ ଏ ବିଷୟରେ ଚିନ୍ତା କରି ସମସ୍ତ ଦିନଟିକୁ ନଷ୍ଟ କରନ୍ତୁ ନାହିଁ।

## ଇସାରାରେ ଚାଲିବ କମ୍ପ୍ୟୁଟର

ବୈଜ୍ଞାନିକମାନେ ଏକ ନୂଆ ଟେକ୍ନୋଲୋଜି ବିକାଶରେ ଲାଗିଛନ୍ତି, ଯାହା ସାହାଯ୍ୟରେ ବ୍ୟକ୍ତିର ଭାବଭଙ୍ଗୀ, ଶାରୀରିକ ଗତିବିଧି ଓ ମୁହଁର ଭାବକୁ କମ୍ପ୍ୟୁଟର ବୁଝିପାରିବ ଏବଂ ସେହି ଅନୁସାରେ କାମ କରିବ। ମାଉସରେ କ୍ଲିକ କରିବା, ଟାଇପ କରିବା, ତଥ୍ୟ ଖୋଜିବା ଓ କିଛି ସଫ୍ଟୱେର ସହ କମ୍ପ୍ୟୁଟର ବ୍ୟବହାର ଏବେବି ସୀମିତ। ହସିବା, ରାଗିବା, ଇଙ୍ଗିତ, ଚିହ୍ନଟ, କଣ୍ଠସ୍ୱର ମାଧ୍ୟମରେ ମଣିଷ ଯେମିତି ପରସ୍ପର ସହ ଭାବର ଆଦାନ ପ୍ରଦାନ କରେ ଓ ଯୋଗାଯୋଗ ରଖେ, ତାକୁ ଦୃଷ୍ଟିରେ ରଖି ଏକ ଟେକ୍ନୋଲୋଜି ବିକାଶ ଦିଗରେ ଗବେଷକମାନେ ଉଦ୍ୟମ କରୁଛନ୍ତି।

# ପିଲାଙ୍କୁ ଶିଖାନ୍ତୁ ଉତ୍ତମର ବ୍ୟବହାର

ପିଲାଙ୍କୁ ଉ ମ ବ୍ୟବହାର ଶିଖାଇବା ଅଭିଭାବକଙ୍କର ପ୍ରଥମ କ ର୍ତ୍ତବ୍ୟ। ଏ ସମ୍ପର୍କର ଜାଣନ୍ତୁ କିଛି ଟିପ୍ସ।



-ପିଲାକୁ ଉତ୍ତମ ବ୍ୟବହାର ବିଷୟରେ ଶିକ୍ଷା ଦେବା ପୂର୍ବରୁ ପ୍ରଥମେ ନିଜର ବ୍ୟବହାର ଠିକ୍ ରଖନ୍ତୁ। ଗୁରୁଜନଙ୍କୁ ସମ୍ମାନ ଦେବାକୁ ପିଲାଙ୍କୁ କୁହନ୍ତୁ।

- ନିଜର ବ୍ୟବହାର କିପରି ସବୁବେଳେ ମାର୍ଜିତ ହେବ ସେ ନେଇ ପ୍ରଥମେ ଧ୍ୟାନ ଦିଅନ୍ତୁ। ଏ ବିଷୟରେ ପିଲାକୁ ଶିଖାଇବା ଦ୍ୱାରା ସେମାନଙ୍କର ଆଚାର ବ୍ୟବହାରରେ ପରିବର୍ତ୍ତନ ଆସିଥାଏ।

- ବେଳେବେଳେ ପିଲାଙ୍କୁ ଶାସନ କଲାବେଳେ ଅଭିଭାବକମାନେ ଅତ୍ୟଧିକ ରାଗି ଯାଆନ୍ତି। ଏହି ସମୟରେ ପିଲାମାନଙ୍କୁ ଆମେ ବଡ଼ ପାଟିରେ ତାଗିଦ୍ କରିଥାଉ। ପରବର୍ତ୍ତୀ ସମୟରେ ପିଲାମାନେ ଠିକ୍ ସେହିଭଳି କହିବା ଆରମ୍ଭ କରିଥାଆନ୍ତି। ତେଣୁ ପିଲାଙ୍କର ଏଭଳି ବ୍ୟବହାର ପ୍ରତି ସତର୍କ ରହିବା ସହ ସେମାନେ କିପରି ଏଥିରୁ ବିରତ ରହିବେ ସେ ନେଇ ସେମାନଙ୍କୁ ଶିଖାନ୍ତୁ।

- ପିଲା କିଛି ଭଲ କାମ କଲେ ତା'ର ପ୍ରଶଂସା କରନ୍ତୁ। ଏହା ଦ୍ୱାରା ସେ ଅନ୍ୟର ଭଲ ଗୁଣ ଦେଖି ପ୍ରଶଂସା କରିବ।

- ପିଲା ଯଦି କୌଣସି ଭୁଲ କାମ କରୁଛି ତେବେ ସେ ନେଇ ତାକୁ ବୁଝାନ୍ତୁ। ଏହାଦ୍ୱାର ସେ ଭବିଷ୍ୟତରେ କୌଣସି ଭୁଲ କଲେ ତାହା ନିଜେ ଜାଣିପାରିବ। ଭଲକୁ କିପରି ସୁଧାରି ପାରିବ ସେ ନେଇ ଶିଖାନ୍ତୁ।

- ଅନ୍ୟମାନଙ୍କୁ କିପରି ବିନମ୍ର ବ୍ୟବହାର କରିବ ସେ ନେଇ ଶିଖାନ୍ତୁ। ଏହାଦ୍ୱାରା କେବଳ ବାହାରେ ନୁହେଁ ସ୍କୁଲରେ ମଧ୍ୟ ସେ ଅନ୍ୟମାନଙ୍କ ଦ୍ୱାରା ପ୍ରଶଂସାର ପାତ୍ର ହେବେ ।

# ଜାଣନ୍ତି କି ?

**ଅନେକ ମହିଳାଙ୍କୁ ଘର ହେଉ କି ଅଫିସ୍‌ର କାମ ତୁଲାଇବାକୁ ପଡ଼େ। ତେଣୁ ଏନେଇ ନିଜକୁ ପ୍ରସ୍ତୁତ ରଖିବା ନିହାତି ଜରୁରୀ। ହେଲେ ଏହ ସମୟରେ ଆପଣ ନିମ୍ନଲିଖିତ ଟିପ୍ସକୁ ଆପଣେଇ ପାରନ୍ତି...**

- ଅଫିସ୍‌ରେ ନିଜ କାମ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ। କାମ କରିବା ସମୟରେ ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ଯଦି ସେପରି କିଛି ଆବଶ୍ୟକତା ରହିଛି ତେବେ ସୀମିତ ସମୟ ପାଇଁ କଥା ହୁଅନ୍ତୁ।

- ଅଫିସ୍‌ରେ କେତେକ ଜରୁରୀ କାମ ମିଟିଂ, ଆପଏଣ୍ଟମେଣ୍ଟ, ପ୍ରେଜେଣ୍ଟେଶନ ପ୍ରତି ସଜାଗ ରୁହନ୍ତୁ। ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିବା ସହ ଟାଇମିଂ ଫିକ୍ସ କରନ୍ତୁ।

- ଅଫିସରେ କାମ କଲାବେଳେ ଚିନ୍ତାଗ୍ରସ୍ତ ହୁଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଆପଣଙ୍କ କାର୍ଯ୍ୟ ଉପରେ ପଡ଼ିଥାଏ।

- ଆପଣ କରୁଥିବା କାମର ଡେଡଲାଇନ ବିଷୟରେ ସଚେତନ ରୁହନ୍ତୁ। ସମୟ ପୂର୍ବର କାମ ଶେଷ କରିବାକୁ ଚେଷ୍ଟା କରନ୍ତୁ। ଏହାକୁ ନେଇ ବ୍ୟସ୍ତ କିମ୍ବା ଟେନ୍‌ଶନ୍ ରୁହନ୍ତୁ ନାହିଁ।

- ନିଜ କାମକୁ ସୁଚାରୁ ରୂପେ କରିବା ପାଇଁ ପୂର୍ବରୁ ଯୋଜନା ପ୍ରସ୍ତୁତ କରନ୍ତୁ। ଆସନ୍ତାକାଲି କ'ଣ କରିବେ ସେ ନେଇ ପୂର୍ବଦିନ ରାତିରେ ଯୋଜନା କରନ୍ତୁ।

- ପ୍ରତି ସପ୍ତାହରେ ନିଜକ କାମକୁ ରିଭ୍ୟୁ କରନ୍ତୁ। ଏଥିରୁ ଆପଣ କାମରେ କରୁଥିବା ଭୁଲଭଟକାକୁ ସୁଧାରି ପାରିବେ।

ନିଜ କାମ କରିବାକୁ ଯଦି କିଛି ସ୍ୱତନ୍ତ୍ର ଯୋଜନା କରିଛନ୍ତି ତେବେ ତାହାକୁ ଅନ୍ୟକୁ ନକହିବା ଭଲ।

# ଶ୍ରିଷ୍ଟର ଫୁଡ଼



ଶୀତଦିନେ ଥଣ୍ଡା ପରିବେଶ ଆମକୁ ଭଲ ଲାଗିଥାଏ ସତ କିନ୍ତୁ ଭାରତ ପରି ଗ୍ରୀଷ୍ମ ପ୍ରଧାନ ଦେଶରେ ହଠାତ୍ ଋତୁ ପରିବର୍ତ୍ତନରେ ଅନେକ ପ୍ରକାରର ସଂକ୍ରମଣ ହୋଇଥାଏ। ଶୀତଦିନେ ସାଧାରଣତଃ ଥଣ୍ଡା ଓ କାଶ ଅଧିକ ହୋଇଥାଏ। ଏପରି କିଛି ଭାରତୀୟ ଖାଦ୍ୟ ରହିଛି ଯାହାକୁ ସେବନ କଲେ ଶରୀରର ତାପମାତ୍ରାବ ବୃଦ୍ଧି ପାଏ। କେବଳ ସେତିକି ନୁହେଁ ଏହି ଖାଦ୍ୟ ଶୀତଦିନେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହି ଖାଦ୍ୟ ସହ ସୁନିଦ୍ରା ଓ ସାମାନ୍ୟ ବ୍ୟାୟାମ ସ୍ୱାସ୍ଥ୍ୟପାଇଁ ଅଧିକ ଲାଭପ୍ରଦ।

ଗାଜର- ଗାଜରରେ ପ୍ରଚୁର ପରିମାଣରେ ଭିଟାମିନ-ଏ ଅଛି। ଗାଜର ଖାଇବା ଦ୍ୱାରା ବିଭିନ୍ନ ପ୍ରକାରର ସଂକ୍ରମଣରୁ ମୁକ୍ତି ମିଳିଥାଏ।। ଏହା ଖାଇବା ଦ୍ୱାରା ଥଣ୍ଡା ଭୂତାଣୁ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ।

ସବୁଜ ଚା' ଓ କାମୋଲି ଚା- ସବୁଜ ଚା' ସ୍ୱାସ୍ଥ୍ୟ ପ୍ରତି ଖୁବ ଲାଭପ୍ରଦ। ଏଥିରେ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଶରୀରକୁ ଫୁର୍ତ୍ତି ଯୋଗାଏ। ଚର୍ମକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ଏହା ବେଶ୍ ଉପଯୋଗୀ।

ଛତୁ- ଫୁଙ୍ଗ ଭୂତାଣୁଙ୍କୁ ପ୍ରତିରୋଧ କରିବାରେ ଛତୁ ବେଶ୍ ଉପଯୋଗୀ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଶରୀରରେ ଶ୍ୱେତ ରକ୍ତ କଣିକା ବୃଦ୍ଧିରେ ଏହା ସହାୟକ ହୋଇଥାଏ।

ରସୁଣ-ରସୁଣର ଅନେକ ଉପକାରିତା ରିହଛି। ହୃଦୟ ପାଇଁ ଏହା ଅତ୍ୟନ୍ତ ଲାଭପ୍ରଦ। ଶରୀରରେ ବ୍ୟାଡ୍ କୋଲେଷ୍ଟ୍ରଲ ହ୍ରାସ କରିବାରେ ଏହା ବେଶ ଉପଯୋଗୀ। ଶରୀରକୁ ଏହା ସ୍ୱତନ୍ତ୍ର ପ୍ରତିରୋଧକ ଶକ୍ତି ପ୍ରଦାନ କରିଥାଏ। ଥଣ୍ଡା କାଶରୁ ରକ୍ଷା ପାଇବା ପାଇଁ ରସୁଣକୁ ଖାଦ୍ୟରେ ବ୍ୟବହାର କରିହେବ।

# ସ୍ୱାସ୍ଥ୍ୟ ସମସ୍ୟା ଦୂରକାରୀ ସର୍ବାଙ୍ଗସନ

**ସର୍ବାଙ୍ଗସନ ଏପରି ଗୋଟିଏ ଆସନ ଯାହାର ବହୁ ସ୍ୱାସ୍ଥ୍ୟଗତ ଉପକାରିତା ରହିଛି। ଏହି ଆସନରେ ପୂରା ଶରୀର କାର୍ଯ୍ୟକ୍ଷମ ହୋଇଯାଏ।**



### କିପରି କରିବେ:

- ଆସନ ଉପରେ ଦୁଇ ଗୋଡ଼କୁ ଯୋଡ଼ି ସିଧା ଶୋଇ ରୁହନ୍ତୁ।
- ଦୁଇ ଗୋଡ଼କୁ ୯୦ ଡିଗ୍ରୀ ଉଚ୍ଚତାରେ ଧୀରେ ଧୀରେ ଉଠାନ୍ତୁ। ଏହି ସମୟରେ ଦୁଇ ହାତର ପାପୁଲି ଭୂଇଁକୁ ଲଗାଇ ରଖିବେ।
- ଏହା ପରେ ଦୁଇ ହାତ ସାହାଯ୍ୟରେ ଅଣ୍ଟାର ଦୁଇ ପାଖକୁ ଉପରକୁ ଉଠାନ୍ତୁ। ଏପରି ଉଠାଇବେ ଗୋଡ଼ ଦୁଇଟି ଯେପରି ସିଧା ଓ ସ୍ଥିର ରୁହେ।
- ଦୁଇ ଆଖିର ନଜର ପାଦର ବୁଢ଼ା ଆଙ୍ଗୁଠିରେ ରଖିବେ। ଏହି ଆସନରେ ଦୁଇରୁ ତିନି ମିନିଟ୍ ପର୍ଯ୍ୟନ୍ତ ରୁହନ୍ତୁ।
- କିଛି ସମୟ ପରେ ପ୍ରଥମେ ଧୀରେ ଆଗ ଦୁଇ ଗୋଡ଼କୁ ଆଣ୍ଠୁ ପାଖରୁ ଭାଙ୍ଗି ତଳକୁ ଖସାନ୍ତୁ ଓ ପରେ ପୁରା ଶରୀରକୁ ଖସାଇ ପୂର୍ବ ପରି ସିଧା ଶୋଇ ରୁହନ୍ତୁ। ଏହି ଆସନ କଲେ ଭଲ ଶ୍ୱାସକ୍ରିୟା, ହଜମ ଏବଂ ରକ୍ତ ସଞ୍ଚାଳନ ଉତ୍ତମ ରୂପେହୁଏ।
- ଥାଇରଏଡ୍ ସମସ୍ୟା ଦୂର ହୁଏ।
- କେଶ ଝଡ଼ିବା ଓ ଅସମୟରେ କେଶ ଧଳା ହେବା ସମସ୍ୟାରେ ନିୟନ୍ତ୍ରଣ ଆଣେ।
- ପ୍ରତିଦିନ ଅଭ୍ୟାସ ଦ୍ୱାରା ଶରୀରର ଓଜନ ଅଧିକ କିମ୍ବା କମ୍ ଥିଲେ ଏଥିରେ ନିୟନ୍ତ୍ରଣ ଆଣେ ଏବଂ ଦୃଷ୍ଟି ଶକ୍ତି ବଢ଼ାଏ।

# କେତେ ଉପକାରୀ ଗାଜର

- ନିୟମିତ ଗାଜର ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ଆହୁରି ପ୍ରଖର ହୋଇଥାଏ।
- ଗାଜରରେ କ୍ୟାନସର ପ୍ରତିହତ ଶକ୍ତି ରହିଛି। ବିଶେଷ ଭାବରେ ବ୍ରେଷ୍ଟ କ୍ୟାନସର ଏବଂ କଲୋନ କ୍ୟାନସର ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ବୟସ ବଢ଼ିବା ସହ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏହି ସମୟରେ ଶରୀର ଭିତରେ କୋଷ (ସେଲ) ଗୁଡ଼ିକ ନଷ୍ଟ ହେବା ଆରମ୍ଭ କରିଥାଆନ୍ତି। କିନ୍ତୁ ବୟସ୍କ ବ୍ୟକ୍ତିମାନେ ଯଦି ନିୟମିତ ଖାଦ୍ୟ ତାଲିକାରେ ଗାଜର ସାମିଲ କରନ୍ତି ତେବେ ତାହା ସେମାନଙ୍କର କୋଷକୁ ସୁରକ୍ଷିତ ରଖିଥାଏ।
- ଗାଜରରେ ଭିଟାମିନ 'ଏ' ଭରି ରହିଛି। ଏହାକୁ ଖାଇବା ଦ୍ୱାରା ଚର୍ମଜନିତ ରୋଗ ହେବାର ଆଶଙ୍କା ଅନେକାଂଶରେ କମ ଥାଏ।
- ଶରୀର ଭିତରେ ସଂକ୍ରମଣ (ଇନଫେକଶନ)କୁ ପ୍ରତିହତ କରିବାରେ ଗାଜର ସାହାଯ୍ୟ କରିଥାଏ।
- ଗାଜରର ଅଉ ଏକ ଉପକାରୀ ଗୁଣ ରହିଛି। ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ହୃଦରୋଗୀଙ୍କ ପାଇଁ ଏହା ଏକ ଉ ମ ଖାଦ୍ୟ।
- ଏହାକୁ ନିୟମିତ ଖାଇଲେ ତାହା ଉଭୟ ଦାନ୍ତ ଏବଂ ମାଢ଼ିକୁ ସୁରକ୍ଷିତ ରଖିଥାଏ।

# ମସ୍ତିଷ୍କର ଆୟତନ ବୃଦ୍ଧି କରେ ଏରୋବିକ୍

ଏକ ସପ୍ତାହକୁ ଚାରିଥର ଏରୋବିକ କରୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଆୟତନ ବୃଦ୍ଧି ହୋଇଥାଏ ବୋଲି ଏହି ରିସର୍ଚ୍ଚରୁ ଜଣାପଡ଼ିଛି। ଆମେରିକାରେ ନର୍ଥ କାରୋଲିନାର ବେକ୍ ଫରେଷ୍ଟ ବିଶ୍ୱିଦ୍ୟାଳୟର ପ୍ରଫେସର ଜିୟୋଙ୍ଗରୁଲ କିମଙ୍କ ମତରେ ଯେକୌଣସି ପ୍ରକାର ବ୍ୟାୟାମ ମସ୍ତିଷ୍କ ପାଇଁ ଲାଭକାରୀ ଅଟେ। କିନ୍ତୁ ଏରୋବିକ ଗତିବିଧି ମସ୍ତିଷ୍କର ଉଚ୍ଚ ସଂଜ୍ଞାନତ୍ମକ କାର୍ଯ୍ୟ ପ୍ରତି ଅଧିକ ଲାଭଦୟକ ବୋଲି ରିସର୍ଚ୍ଚରୁ ଜଣାପଡ଼ିଥିଲା। ଏମସିଆଇ (ହାଲକା ସଂଜ୍ଞାତ୍ମକ ବ୍ୟକ୍ତି)ଙ୍କ ମସ୍ତିଷ୍କରେ ଏହା ପ୍ରଭାବ ପଡ଼ିଥାଏ ଓ ସେମାନଙ୍କ ସ୍ମୃତିଶକ୍ତି ତଥା ବିଚାର କୌଶଳ ଉନ୍ନତ ହୋଇଥାଏ। ଏହା ଆଲଜେମିଅର ରୋଗର ଆଶଙ୍କା ମଧ୍ୟ କମାଇଥାଏ। ଏରୋବିକ୍ ଅଳ୍ପଦିନ ମଧ୍ୟରେ ମସ୍ତିଷ୍କର ଉନ୍ନତି ଘଟାଇଥାଏ। ଅଧ୍ୟୟନ ଦଳ ୩୫ରୁ ଅଧିକ ଏମସିଆଇ ବ୍ୟକ୍ତିଙ୍କୁଚ ପରୀକ୍ଷଣ କରିଥିଲେ। ପ୍ରତିଯୋଗୀଙ୍କୁ ଦୁଇଟି ଭାଗରେ ବିଭକ୍ତ କରାଯାଇ ସପ୍ତାହକୁ ଚାରିଥର ବିଭିନ୍ନ ବ୍ୟାୟାମ କରାଯାଇଥିଲା। ଛଅମାସ ପରେ ସେମାନଙ୍କ ମସ୍ତିଷ୍କର ଗ୍ରେ ଅଂଶର ଆୟତନ ବୃଦ୍ଧି ପାଇଥିବା ଦେଖାଯାଇଥିଲା।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବ୍ୟତିକ୍ରମ...

ଏହା ଅତ୍ୟନ୍ତ ଦୁର୍ଭାଗ୍ୟର କଥା ଯେ ସଂସଦରେ ସୁରକ୍ଷା ଭଙ୍ଗ ଉପରେ ଆଲୋଚନା କରାଯିବାର ଜରୁରୀ ଆବଶ୍ୟକତା ଥିବା ବେଳେ ଏହା ଟ୍ରେଜେରୀ ବେଞ୍ଚ୍ ଏବଂ ବିରୋଧୀମାନଙ୍କ ମଧ୍ୟରେ ଏକ ମୁହାଁମୁହିଁ ଅବସ୍ଥାରେ ପରିଣତ ହୋଇ ଯାଇଛି, ଯାହାକୁ ଚାହିଁଥିଲେ ଏଡ଼ାଇ ଦିଆଯାଇ ପାରିଥାନ୍ତା । ବୁଧବାର ଦିନ ସଂସଦରେ ଦୁଇ ଜଣ ଯୁବକଙ୍କର ରଙ୍ଗୀନ ଧୂଆଁ ଛାଡ଼ିବା ଘଟଣା ଘଟିବା ପରେ ଗୁରୁବାର ଦିନ ସଂସଦରେ ସୁରକ୍ଷାରେ ଏଭଳି ଗୁରୁତର ତ୍ରୁଟିକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ବିବୃତି ରଖିବାର ଦାବି କରି ବିରୋଧୀ ଦଳର ସାଂସଦମାନେ ହଙ୍ଗାମା କରିବା ପରେ ୧୩ ଜଣ ଲୋକସଭା ସାଂସଦ ଏବଂ ଜଣେ ରାଜ୍ୟସଭା ସାଂସଦଙ୍କୁ ମିଶାଇ ୧୪ ଜଣ ସାଂସଦଙ୍କୁ ଶୀତକାଳୀନ ଅଧିବେଶନର ଅବଶିଷ୍ଟ ଦିବସଗୁଡ଼ିକ ପାଇଁ ନିଲମ୍ବନ କରାଯାଇଛି । ଦୁଇଜଣ ଯୁବକଙ୍କର ସଂସଦ ଭିତରେ ପଶି ଏଭଳି କାଣ୍ଡ ଘଟାଇବା ଉପରେ ଏକ ଉତ୍ତମ ରୂପେ ତଥ୍ୟାତ୍ମକ ବିତର୍କ ହେବା ଦାବି ରଖିଥିଲା, ଯଦ୍ୱାରା ସଂସଦର ସବୁ ସଦସ୍ୟଙ୍କ ସୁରକ୍ଷାଜନିତ ଚିନ୍ତାକୁ ଦୂର କରାଯାଇ ପାରିଥାନ୍ତା । କିନ୍ତୁ ମନେହୁଏ ତା' ପରିବର୍ତ୍ତେ ସରକାର ବିରୋଧୀମାନଙ୍କୁ ଚପାଇ ଦେବାକୁ ଯାଇ ସ୍ୱର ଉତ୍ତୋଳନ କରୁଥିବା ସାଂସଦମାନଙ୍କୁ ଜୋର ଜବରଦସ୍ତ ଚୁପ୍ କରାଇବାକୁ ଶ୍ରେୟ ମଣିଲେ । ଏପରି କାର୍ଯ୍ୟାନୁଷ୍ଠାନ ବିରୋଧୀମାନଙ୍କ ପ୍ରତି ସରକାରଙ୍କର କେତେ ସମ୍ମାନ ରହିଛି, ତାକୁ ଦର୍ଶାଇଛି, ଯେଉଁମାନେ କି ସେମାନଙ୍କର ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ଯାଇ କେବଳ ସେମାନଙ୍କ କର୍ତ୍ତବ୍ୟ ହିଁ କରୁଛନ୍ତି । କେବଳ ଏତିକି ନୁହେଁ, ବିରୋଧୀ ସଦସ୍ୟମାନଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ ଆହୁରି ମଧ୍ୟ ହାସ୍ୟାସ୍ପଦ ଘଟଣାରେ ପରିଣତ ହୋଇଛି, ଯେତେବେଳେ ଜଣାପଡ଼ିଛି ଯେ ନିଲମ୍ବିତ ହୋଇଥିବା ସାଂସଦମାନଙ୍କ ମଧ୍ୟରୁ ଜଣେ ସେତେବେଳେ ସଦନରେ ଉପସ୍ଥିତ ହିଁ ନଥିଲେ। ଏହାକୁ ଏକ ଅମଲାତାନ୍ତ୍ରିକ ଭୁଲ୍ ବୋଲି ଦୋଷାରୋପ କରାଯାଇଛି । କିନ୍ତୁ ଏଭଳି ତ୍ରୁଟି ବିଚ୍ୟୁତି ମଧ୍ୟ ପ୍ରଶ୍ନଟିଏ ଜାଗ୍ରତ କରାଏ ଯେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବେଳେ ନିୟମ କାନୁନ୍, ପ୍ରଥା ପରମ୍ପରା ଓ ପରିପ୍ରେକ୍ଷୀଗୁଡ଼ିକୁ ଯଥାର୍ଥ ବୋଲି ବିଚାରକୁ ନିଆଯାଇଥାଏ କି ନାହିଁ । ପୁନଶ୍ଚ, ଏଭଳି କାର୍ଯ୍ୟାନୁଷ୍ଠାନ ବିରୋଧୀମାନଙ୍କ ମଧ୍ୟରେ ଉଦ୍‌ବେଗ ସୃଷ୍ଟି କରିପାରେ ଯେ ସଦନ ସେମାନଙ୍କ ପ୍ରତି ଅନ୍ୟାୟ କରୁଛି। ଏଭଳି ପରିସ୍ଥିତିରେ ତେଣୁ ସଂସଦରେ ଆଲୋଚନା ନ କରି ବିରୋଧୀ ଦଳର ସଦସ୍ୟମାନଙ୍କୁ ନିଲମ୍ବନ କରିବାର ଯଥାର୍ଥତା କେତେ, ତାହା ସହଜରେ ଅନୁମେୟ। ସଂସଦ ଭିତରେ ହେଉ କି ବାହାରେ, ପ୍ରତିବାଦ କରିବା ଏକ ନ୍ୟାୟୋଚିତ ପ୍ରଥା । ଦିବଂଗତ ବିଜେପି ନେତା ତଥା ଦେଶର ଜଣେ ସର୍ବୋତ୍କୃଷ୍ଟ ସାଂସଦ ଅରୁଣ ଜେଟ୍‌ଲୀ ଏକଦା ଯୁକ୍ତି ଦର୍ଶାଇ ଥିଲେ ଯେ ସଦନ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଏକ ନ୍ୟାୟୋଚିତ ରୂପ; ସେ ଏହା ମଧ୍ୟ ସାବଧାନ କରାଇ ଦେଇଥିଲେ ଏଭଳି ଅସ୍ତ୍ରକୁ ବିରଳରୁ ବିରଳତମ କ୍ଷେତ୍ରରେ ପ୍ରୟୋଗ କରାଯିବା ଉଚିତ। ୨୦୧୯ଠାରୁ ଅଦ୍ୟାବଧି ଅନେକ ସଦସ୍ୟ ସଦନରୁ ନିଲମ୍ବିତ ହେବାର ଦୃଷ୍ଟାନ୍ତ ରହିଛି– କେବେ କେମିତି ସ୍ୱଳ୍ପ ସମୟ ପାଇଁ ତ ଆଉ କେବେ ଅଧିବେଶନ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ । ନିୟମ ଅନୁସାରେ ଅଧ୍ୟକ୍ଷତା କରୁଥିବା ବ୍ୟକ୍ତିଙ୍କ ପ୍ରାଧିକାରକୁ ଯଦି ଆହ୍ୱାନ ଦିଆଯାଏ, ତା'ହେଲେ ସଦସ୍ୟଙ୍କୁ ନିଲମ୍ବନ କରାଯାଇ ପାରିବ, କିନ୍ତୁ ଯେ କୌଣସି ପ୍ରକାରର ଅବମାନନା ପାଇଁ ନିଲମ୍ବନ କରାଯିବା ଏକ ଚରମ ପଦକ୍ଷେପ କହିବା ଅତ୍ୟୁକ୍ତି ହେବନାହିଁ । ଦୁର୍ଭାଗ୍ୟବଶତଃ, ଦେଖାଯାଇ ଆସୁଛି ଯେ ଯଦି ଶାସକ ଦଳର କୌଣସି ସାଂସଦଙ୍କୁ କୌଣସି ବିରୋଧୀ ସଦସ୍ୟଙ୍କ କଥା ଭଲ ନ ଲାଗିଲା, ତା'ହେଲେ ବିରୋଧୀଙ୍କୁ ଚୁପ୍ କରିବା ପାଇଁ ନିଲମ୍ବନ କରାଯାଉଛି ଏବଂ ଏହି କାର୍ଯ୍ୟ ଖୁବ୍ ଶୀଘ୍ର ତଥା ବାରମ୍ବାର କରାଯାଉଛି । କହିବା ବାହୁଲ୍ୟ, ଏହା ସଂସଦୀୟ ଗଣତନ୍ତ୍ରର ମର୍ଯ୍ୟାଦା କ୍ଷୁଣ୍ଣ କରୁଛି, ଯାହା ହେଉଛି ବିତର୍କ। ସର୍ବୋପରି ସାଂସଦମାନଙ୍କୁ ସଦନର ବାହାରେ ରହିବାକୁ ବାଧ୍ୟ କରିବାର ଅର୍ଥ ହେଉଛି, ସେମାନଙ୍କୁ ସଂସଦକୁ ପଠାଇ ଥିବା ଭୋଟରମାନଙ୍କର ଅଧିକାରକୁ ଛିନ୍ନ କରିବା । ଏହାକୁ ମଧ୍ୟ ଅସହିଷ୍ଣୁତା ଭାବରେ ଦେଖାଯାଇପାରେ, ଯାହା ସଦନର ଅଧ୍ୟକ୍ଷ ଏବଂ ସରକାରଙ୍କୁ ନିନ୍ଦାତ୍ମକ ପରିବେଶକୁ ନେଇ ଆସିଥାଏ। ଏଭଳି ବାଦ ବିବାଦର ତେଣୁ ସମାଧାନ ଉଭୟ ସରକାର ଓ ବିରୋଧୀମାନଙ୍କ ଉପରେ ନିର୍ଭର କରେ, କିନ୍ତୁ ବିଶେଷକରି ସରକାରଙ୍କ ଉପରେ, କାରଣ ସଂସଦରେ ସୁରୁଖୁରୁରେ କାର୍ଯ୍ୟ ନିର୍ବାହ କରିବା ତାଙ୍କର ଦାୟିତ୍ୱ। ସରକାରର ସଦନ ପରିଚାଳକମାନେ ବିରୋଧୀମାନଙ୍କୁ ଆଶ୍ୱାସନା ଦେବା ଆବଶ୍ୟକ ଯେ ସଦନର କାରବାର ନିମନ୍ତେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଓ ସମୟ ପ୍ରଦାନ କରାଯିବ । ଏହା ସେତିକି ବେଳେ ଘଟି ପାରିବ, ଯେତେବେଳେ ପାରସ୍ପରିକ ବିଶ୍ୱାସ ଓ ସହନଶୀଳତା ରହିବ, ଯାହା ଆଜିକା ଦିନରେ ଦେଖିବାକୁ ମିଳିବା ଦୁର୍ଲଭ। କହିବା ଅତିଶୟୋକ୍ତି ହେବନାହିଁ ଯେ ସଂସଦୀୟ ଗଣତନ୍ତ୍ର ନିର୍ବାଚନରେ ଆରମ୍ଭ ଓ ଶେଷ ହୁଏନାହିଁ – ଏହା ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଯାହା ବିରୋଧୀ ଦଳମାନଙ୍କ ସହଯୋଗରେ ସଦନର କାର୍ଯ୍ୟକଳାପକୁ ସାଙ୍ଗରେ ନେଇ ଆଗକୁ ଚାଲିଥାଏ। ଭୋଟରମାନେ ମହାଜନ ଯେନ ଗତ ଡଃ ପନ୍ଥା ଢଙ୍ଗରେ ସଂସଦରୁ ଶିକ୍ଷାଲାଭ କରିଥାନ୍ତି । ଆଳାପ ଆଲୋଚନା, ଅସନ୍ତୋଷ ବ୍ୟକ୍ତ କରିବା ଏବଂ ବିତର୍କର ଏକ ସୁସ୍ଥ ପରିବେଶ ମଧ୍ୟରେ ଯେଉଁ ସଦନ କାର୍ଯ୍ୟ କରିଥାଏ, ତାହା ସମଗ୍ର ଦେଶବାସୀଙ୍କ ପାଇଁ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଥାଏ।

# ଇଣ୍ଡିଆ ବନାମ ଏନଡିଏ

### କାଳି ଦାସ

ଭାରତରେ ଗଣତନ୍ତ୍ରର ପ୍ରତିଷ୍ଠା କରିବା ପଛରେ ଏକ ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ଯେ ସରକାର ଲୋକଙ୍କ ପାଇଁ କାମ କରିବେ । ଦୁଇଶହ ବର୍ଷର ବିଦେଶୀ ଶାସକଙ୍କ ଶାସନରେ ନିଜକୁ ଅସହାୟ ଭାବରେ ପାଇଥିବା ଭାରତୀୟଙ୍କ ଭିତରେ ମନବଳ ବଢିବ । ଭୋଟ ଦେଇ ଭାରତ ର ଜନ ସାଧାରଣ ନିଜ ସରକାର ଗଢିବେ ଏବଂ ଜନତାଙ୍କ ଦ୍ୱାରା ଗାଢା ଯାଇଥିବା ସରକାର ଜନତାଙ୍କ ପାଇଁ କାମ କରିବ, ଜନତାଙ୍କ ସୁଖ ଦୁଃଖକୁ ବୁଝିବ।

ଭାରତର ସାଧାରଣ ଜନତା ନିଜର ଭୋଟ ଦେବା ଅଧିକାରକୁ କେତେ ଗୁରୁତ୍ୱ ପୂର୍ଣ୍ଣ ବୋଲି ଭାବନ୍ତି କେଜାଣି ?

ଆମ ଦେଶ ଯେହେତୁ ବିବିଧତାର ଦେଶ ସେଥିପାଇଁ ଏଇଠି ଅନେକ ରାଜନୈତିକ ଦଳ ନିଜନିଜ ଆଦର୍ଶ ନେଇ ମୁଣ୍ଡ ଉଠାଇଛନ୍ତି । ଜାତି କୁ ଭିତ୍ତି କରି ଓ ଧର୍ମକୁ ଭିତ୍ତି କରି ମଧ୍ୟ ରାଜନୈତିକ ଦଳ ଗଢା ଯାଇଛି । କିନ୍ତୁ ଏହା ଦ୍ୱାରା ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି । ଜାତିକୁ ଆଧାର କରି କିମ୍ବା ଧର୍ମ କୁ ଆଧାର କରି ଯଦି କେଉଁ ଦଳ କ୍ଷମତାକୁ ଆସୁଛି ସେହିଦଳ ନିଜ ଜାତି ପାଇଁ କିମ୍ବା ସମର୍ଥନ ପାଇଥିବା ଧର୍ମ ପାଇଁ କାମ କରିଛି । ଜାତିକୁ ଆଧାର କରି ବା ଧର୍ମକୁ ଆଧାର କରି ଲୋକଙ୍କ ସମର୍ଥନ ପାଇବା ସହଜ ହୋଇଛି । ଏହାଦ୍ୱାରା କିନ୍ତୁ ସମସ୍ତଙ୍କ ଉନ୍ନତି ହେବା ସମ୍ଭବ ହୋଇପାରିନି ।

ବିଶ୍ୱ ରେ ଏମିତି ଅନେକ ଗୁଡିଏ ଦେଶ ଅଛନ୍ତି ଯେଉଁଠି କେବଳ ଦୁଇଟି ରାଜନୈତିକ ଦଳ ଅଛନ୍ତି । ସେଗୁଡି କ ଯଥା କ୍ରମେ ଆମେରିକା, ଇଂଗଲଣ୍ଡ, ଅଷ୍ଟ୍ରେଲିଆ, ଲେଟିନ ଆମେରିକା ଓ ରୁଷିଆ ଇତ୍ୟାଦି ।

ସେ ଦେଶର ଲୋକମାନେ ଭାରତୀୟଙ୍କ ଠାରୁ ବେଶି ସଚେତନ । ତେଣୁ ସେହି ଦେଶ ଗୁଡିକ ରେ ଦୁଇ ରାଜନୈତିକ ଦଳ ସମ୍ଭବ ହୋଇପାରିଛି ।

ଭାରତ ରେ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷ ରେ ନାଗରିକତା ଦିଆ ଯାଇଥାଏ । ଅନେକ ଲୋକ ନିଜର ଅଧିକାରକୁ ସାବ୍ୟସ୍ତ କରିଲାବେଳେ ନିଜର କର୍ତ୍ତବ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଭୋଟରଙ୍କୁ ପ୍ରାର୍ଥୀଙ୍କ ଦ୍ୱାରା ଭୋଟ ପାଇଁ ମଦ ଓ ଟଙ୍କା ବାଣ୍ଟିବା ଦୃଷ୍ଟାନ୍ତ ରହିଛି । ଆମ ଦେଶର ସଜାଗ ଶିକ୍ଷିତ ଲୋକମାନେ ନିର୍ବାଚନ ଦିନ ଲମ୍ବା ଲାଇନରେ ବା କ୍ୟୁ ରେ ଠିଆ ହୋଇ ଭୋଟ ଦେବାକୁ ଆଗଭର ହୁଅନ୍ତି ନାହିଁ। ଏହା ସହିତ ଯେହେତୁ ଭାରତ ରେ ଅନେକ ରାଜନୈତିକ ଦଳ ନିର୍ବାଚନ କୁ ଓହ୍ଲାଇ ଥାନ୍ତି ଭୋଟରଙ୍କ ଭୋଟ ଭାଗ ଭାଗ ହୋଇଯାଇଥାଏ । ଅନ୍ୟ ପ୍ରାର୍ଥୀଙ୍କଠାରୁ ଅଧିକ ଭୋଟ ପାଇଥିବା ବ୍ୟକ୍ତି ବା ପ୍ରାର୍ଥୀକୁ ବିଜୟ ଘୋଷିତ କରାଯାଏ । ଶତକଡ଼ା କୋଡିଏ ବା ପଚିଶ ପ୍ରତିଶତ' ଭୋଟ ପାଇଲେ ମଧ୍ୟ ଜଣେ ବିଜେତା ହୋଇ ପାରେ । ଯଦି ଓ ବିଜୟୀ ପ୍ରାର୍ଥୀକୁ ଅସିଏ ବା ପଞ୍ଚୋସ୍ତୋରୀ ପ୍ରତିଶତ ଲୋକ ନା ପସନ୍ଦ କରୁଛନ୍ତି ତଥାପି ଅନ୍ୟମାନଙ୍କ ଠାରୁ ଯିଏ ଅଧିକ ଭୋଟ ପାଇଥାଏ ତାକୁ ବିଜୟୀ ଘୋଷିତ କରାଯାଏ ।

ଏସବୁକୁ ଆଖିରେ ରଖି ରାଜନୈତିକ ଦଳ ମାନେ ଅନେକ ପ୍ରକାର କାରସାଦି ମଧ୍ୟ କରିଥାନ୍ତି । କିଛି ଲୋକ ପଇସା ନେଇ ପ୍ରାର୍ଥୀଙ୍କ ଭୋଟ ସେରକୁ କମାଇବା ପାଇଁ ନିର୍ବାଚନ ଲଢନ୍ତି । ସେମାନେଙ୍କ ମୂଳ ଉଦ୍ଦେଶ୍ୟ ହେଲା କୌଣସି ଏକ ଦଳକୁ ମିଳୁଥିବା ଭୋଟ ର କିଛି ଅଂଶ କମାଇବା। ଏହା ଫଳରେ ଅନ୍ୟଜଣେ ଜିତି ଯିବ। ଏମାନଙ୍କୁ ଭୋଟ କଟୁଆ ମଧ୍ୟ କୁହାଯାଏ।

ଗଣତନ୍ତ୍ରରେ ବିରୋଧି ଦଳର ଭୂମିକା ମଧ୍ୟ ମହତ୍ୱପୂର୍ଣ୍ଣ । ଯଦି ବିରୋଧିଦଳ ଦୁର୍ବଳ ହେବେ ତାହେଲେ ଶାସକ ଦଳର ମନମୁଖୀ ଶାସନ ଚାଲିବ । ଅନେକ ସମୟ ରେ ଭିନ୍ନ ଭିନ୍ନ ରାଜନୈତିକ ଦଳ ଏକାଠି ହୋଇ ନିର୍ବାଚନ ଲଢିଛନ୍ତି ସରକାର ମଧ୍ୟ ଗଢିଛନ୍ତି ।

ଏନଡିଏ ଓ ୟୁପିଏ ଦୁଇଟି ଗୋଷ୍ଠୀ ବିଗତ ଦିନ ଯାଏଁ ନିର୍ବାଚନ ଲଢିଥିଲେ । ଏନଡିଏର ମୁଖ୍ୟ ରାଜନୈତିକ ଦଳ ହେଲା ବିଜେପି। ସେହି ପରି ୟୁପିଏର ମୁଖ୍ୟ ରାଜନୈତିକ ଦଳ ହେଲା କଂଗ୍ରେସ ।

ବିଗତ ଦୁଇ ଦୁଇଟି ନିର୍ବାଚନରେ ଜିତି ବିଜେପିର ମନବଳ ବଢିଛି । ବିଜେପିର ଚିନ୍ତାଧାରାକୁ ବିରୋଧ କରୁଥିବା ଦଳ ମାନେ ଗୋଟିଏ ନୂଆ ମେଣ୍ଟ କରିଛନ୍ତି ଯାହାର ନାମ ହେଉଛି ଇଣ୍ଡିଆ । ଏହି ଗୋଷ୍ଠୀ ବା ମେଣ୍ଟ ଭିତରେ ଦେଶ ର ଊଣା ଅଧିକ ୨୮ ଦଳ ଥିଲା ବେଳେ ଏନଡିଏ ଗଠବନ୍ଧନ ରେ ୩୨ଟି ରାଜନୈତିକ ଦଳ ସାମିଲ ହୋଇଛନ୍ତି ।

ବିଜେପି ପାର୍ଟି ନିଜର ବିପକ୍ଷିଙ୍କୁ ସମସ୍ତ ପ୍ରକାର ସମାଲୋଚନା କରିବା ପାଇଁ ପଛଘୁଞ୍ଚା ଦେଉନାହିଁ ବିରୋଧିଙ୍କ କହିବା ମୁତାବକ ବିରୋଧୀଙ୍କ ମନବଳ ଭାଙ୍ଗିବା ପାଇଁ କେନ୍ଦ୍ର ସରକାର ତାର ଏଜେନ୍ସୀଙ୍କୁ ବିରୋଧୀଙ୍କ ବିରୋଧ ରେ ଲଗାଇଛି । ଅହରହ ଇଡି ସିବିଆଇଙ୍କୁ କେନ୍ଦ୍ରସରକାରଙ୍କ ଦ୍ୱାରା ବିରୋଧୀଙ୍କ ପଛରେ ଲଗାଇ ଦିଆଯାଉଛି । ଇଡି ଓ ସିବିଆଇଠାରୁ ବଞ୍ଚିବା ପାଇଁ ଯେତେବେଳେ ରାଜନେତା ବିଜେପିର ଗୋଷ୍ଠୀ ବା ମେଣ୍ଟ ଭିତରେ ସାମିଲ ହୋଇଯାଇଛନ୍ତି ସେତେବେଳେ ସେମାନଙ୍କ ଉପରେ ହୋଇଥିବା କାନୁନୀ ଜେରାକୁ ହଟାଇଦିଆ ଯାଉଛି । ବିଜେପି ନିଜର ବିରୋଧିଙ୍କୁ ଜେଲ ପଠାଇବା ପାଇଁ ମଧ୍ୟ ପଛଘୁଞ୍ଚା ଦେଉନାହିଁ।

ଇଣ୍ଡିଆ ଗଠବନ୍ଧନର ପ୍ରାୟ ଊଣାଅଧିକ ସମସ୍ତେ ବିଜେପି ଦ୍ୱାରା ପ୍ରପୀଡିତ । ଇଣ୍ଡିଆ ଗଠବନ୍ଧନ ବା ମେଣ୍ଟର କହିବା ମୁତାବକ ଦିନକୁ ଦିନ ଏନଡିଏ ଗଠବନ୍ଧନର ସ୍ୱେଚ୍ଛାଚାର ବା ଡିକ୍ଟେଟରଶିପ ବଢିଚାଲିଛି ଯାହା ଦେଶର ଭବିଷ୍ୟତ ପାଇଁ ସଂକଟମୟ ।

ଯେତେବେଳେ ମିଳିତ ଭାବରେ ଏହି ଦୁଇ ଗୋଷ୍ଠୀ ନିର୍ବାଚନକୁ ଓହ୍ଲାଇବେ ସେତେବେଳେ ମେଣ୍ଟ କୁ ଭୋଟ ମିଳିବ। ଭୋଟରଙ୍କ ଭୋଟ ବିଭାଜିତ ହେବନାହିଁ । ସରକାରଙ୍କ ବିରୋଧ ରେ ବା ସରକାରଙ୍କ ସପକ୍ଷରେ ଭୋଟ ଦିଆଯିବ। ମେଣ୍ଟର ଭୋଟ ସେର ଏପଟ ସେପଟ ନହେଉ ସେଥିପାଇଁ ଗଠବନ୍ଧନର ସଦସ୍ୟ ମାନେ ମିଳିତ ଭାବ ରେ କାମ କରିବେ ।

ନିର୍ବାଚନ ନିକଟରୁ ନିକଟ ତର ହେଲେ ରାଜନେତାଙ୍କ ନୈତିକତା ହ୍ରାସ ପାଉଛି ଦେଖାଯାଉ ଭାରତର ଜନ ସାଧାରଣ କାହାକୁ ବାଛୁଛନ୍ତି ।

କୌଣସି ରାଜନୈତିକ ଦଳକୁ ସମାଲୋଚନା କରିବା ପୂର୍ବରୁ ଭୋଟରକୁ ନିଜର କର୍ତ୍ତବ୍ୟ ଜାଣିବାକୁ ପଡିବ । ଯେଉଁ ଦିନ ଏଦେଶର ଭୋଟର ବା ନାଗରିକ ନିଜର ଦାଇତ୍ୱ ଓ କର୍ତ୍ତବ୍ୟକୁ ବୁଝିପାରି ଭୋଟ ଦେବେ ସେହିଦିନ ରାଜନୈତିକ ଦଳ ଗୁଡିକ ମଧ୍ୟ ନିଜର କର୍ତ୍ତବ୍ୟ ପାଳନ କରିବା ପାଇଁ ବାଧ୍ୟ ହେବେ ।

+ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

# ବିଶ୍ୱତ୍ରାଣ ସତ୍ୟସାଇ

### ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଷ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।

ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। 

ଧ୍ୱନି ପ୍ରତିଧ୍ୱନି

୫ ♣ ବାଲେଶ୍ୱର ♣ ବୁଧବାର ୨୦ ଡିସେମ୍ବର, ୨୦୨୩

# ଛାଡ଼ପତ୍ର ଦରକାର : ହନିମୁନ୍‌ରେ ଯାଆନ୍ତୁ

*କୁହାଯାଏ ସ୍ୱାମୀ ସ୍ତ୍ରୀର ସଂପର୍କ ସ୍ୱର୍ଗରେ ସ୍ଥିର ହୁଏ । ମାତ୍ର ଏହି ସଂପର୍କକୁ ଅତୁଟ ରଖିବା ପାଇଁ ବିଚାରପତିମାନେ ପୃଥିବୀରେ ଭଗବାନଙ୍କ ରୂପ ନେଉଛନ୍ତି । ଏହା ସାଧାରଣ କଥା ଯେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଏବଂ ସହନଶୀଳତାର ଅଭାବ ଯୋଗୁଁ ଛାଡପତ୍ର ମାମଲା କ୍ରମାଗତ ଭାବରେ ବଢିବାରେ ଲାଗିଛି । ଏହାକୁ ଦେଖି ବିଚାରପତିମାନେ ସାଧାରଣ ଏବଂ ଛୋଟ ଛୋଟ କାରଣରୁ ବିବାହ ବିଚ୍ଛେଦ ରୋକିବା ନିମନ୍ତେ ଦମ୍ପ ିମାନଙ୍କ ମଧ୍ୟରେ ମଧ୍ୟସ୍ଥି ଭୂମିକା ନେବା ଆରମ୍ଭ କଲେଣି ।*

ନିଜ କଠୋର ନିର୍ଣ୍ଣୟ ପାଇଁ ଖ୍ୟାତ ବିଚାରପତିମାହନେ ପାରିବାରିକ ମାମଲାରେ ହୃଦୟ ପରିବର୍ତ୍ତନର ଭୂମିକାକୁ ବିଶ୍ୱାସ କରୁଛନ୍ତି । ଭାଙ୍ଗିବାକୁ ଯାଉଥିବା ବିବାହକୁ କଡା ନିଷ୍ପତ୍ତି ଦ୍ୱାରା ଶେଷ ନ କରି ଛାଡପତ୍ର ପାଇଁ ଇଚ୍ଛୁକ ଦମ୍ପତିମାନଙ୍କୁ ଏ ସଂପର୍କରେ ଆଉ ଥରେ ଚିନ୍ତା କରିବାପାଇଁ ପରାମର୍ଶ ଦେଉଛନ୍ତି । ଏ ସଂପର୍କରେ ବିଚାରପତିମାନଙ୍କ ପରାମର୍ଶ ଯଦି ଛାଡପତ୍ର ଚାହୁଁଛନ୍ତି ତାହେଲେ ହନିମୁନ୍‌ରେ ଯାଆନ୍ତୁ । ସବୁଠୁ କଡ଼ କଥା ଅଦାଲତର ଏହି ପରାମର୍ଶ ସକାରାତ୍ମକ ଫଳ ମଧ୍ୟ ଦେଉଛି । ସ୍ୱାମୀ ସ୍ତ୍ରୀ ଏକାଠି କିଛି ଦିନ କାଟିବା ପରେ ନିଜ ସଂପର୍କ ନେଇ ଆଉ ଥରେ ଚିନ୍ତା କରୁଛନ୍ତି, କେତେ ପରିବାର ଭାଙ୍ଗିବାରୁ ବଞ୍ଚିଯାଉଛି । ଏ ସଂପର୍କରେ ପ୍ରତିଭା ନାମ୍ନୀ ଜଣେ ମହିଳା କୁହନ୍ତି ମୁଁ ଗତବର୍ଷର ବୈଷ୍ଣୋଦେବୀ ଯାତ୍ରାକୁ କେବେ ଭୁଲିପାରିବି ନାହିଁ । ସେ ଏବଂ ତାଙ୍କର ସ୍ୱାମୀ ଗତ ବର୍ଷ ଛାଡପତ୍ର ପାଇଁ ଅଦାଲତରେ ଆବେଦନ କରିଥିଲେ । ବିଚାରପତି ମହୋଦୟ ସେମାନଙ୍କ ମଧ୍ୟରେ ଥିବା ସମସ୍ୟାର ସମାଧାନ ପାଇଁ ଏହି ଯୋଡିକୁ ବୈଷ୍ଣୋଦେବୀ ଯାତ୍ରାରେ ଯିବାପାଇଁ ପରାମର୍ଶ ଦେଇଥିଲେ । ଯାତ୍ରାରୁ ଫେରିବା ପରେ ପ୍ରତିଭା ଏବଂ ତାଙ୍କ ସ୍ୱାମୀଙ୍କ ମଧ୍ୟରେ ଛାଡପତ୍ର ସଂପର୍କରେ କୌଣସି ଆଲୋଚନା ହୋଇନାହିଁ । କୁହାଯାଏ ସ୍ୱାମୀ ସ୍ତ୍ରୀର ସଂପର୍କ ସ୍ୱର୍ଗରେ ସ୍ଥିର ହୁଏ । ମାତ୍ର ଏହି ସଂପର୍କକୁ ଅତୁଟ ରଖିବାପାଇଁ ବିଚାରପତିମାନେ ପୃଥିବୀରେ ଭଗବାନଙ୍କ ରୂପ ନେଉଛନ୍ତି । ଏହା ସାଧାରଣ କଥା ଯେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଏବଂ ସହନଶୀଳତାର ଅଭାବ ଯୋଗୁଁ ଛାଡପତ୍ର ମାମଲା କ୍ରମାଗତ ଭାବରେ ବଢିବାରେ ଲାଗିଛି । ଏହାକୁ ଦେଖି ବିଚାରପତିମାନେ ସାଧାରଣ ଏବଂ ଛୋଟ ଛୋଟ କାରଣରୁ ବିବାହ ବିଚ୍ଛେଦ ରୋକିବା ନିମନ୍ତେ ଦମ୍ପତିମାନଙ୍କ ମଧ୍ୟରେ ମଧ୍ୟସ୍ଥି ଭୂମିକା ନେବା ଆରମ୍ଭ କଲେଣି ।

ଛାଡପତ୍ର ନେବାପାଇଁ ଆବେଦନ କରୁଥିବା ଯୋଡିମାନଙ୍କର ବାହାନା ମଧ୍ୟ ଅଦ୍ଭୁତ ପ୍ରକାରର । ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଜ ପତ୍ନୀଙ୍କୁ କେବଳ ଏଥିପାଇଁ ଛାଡପତ୍ର ଦେବାକୁ ଚାହୁଁଥିଲେ ସେ ସେକ୍ସରେ କୌଣସି ନୂତନ ଶୈଳୀ ଜାଣନ୍ତି ନାହିଁ । ଏକ ବହୁରାଷ୍ଟ୍ରୀୟ କଂପାନୀରେ କାର୍ଯ୍ୟରତ ଜରେ ବ୍ୟକ୍ତି ନିଜ ପତ୍ନୀଙ୍କୁ ଏଥିପାଇଁ ଛାଡିବାକୁ ଚାହୁଁଥିଲେ ଯେ ସେ ତାଙ୍କୁ କମ୍ପାନୀର ପାର୍ଟି ମଦ୍ୟପାନ କରିବାକୁ ମନା କରୁଥିଲେ । ଜଣେ ଅଧ୍ୟାପିକା ତାଙ୍କ ସ୍ୱାମୀ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ରହିବାକୁ ନେଇ ସନ୍ଦେହ କରି ଛାଡପତ୍ର ପାଇଁ ଆବେଦନ କରିଥିଲେ । ଏ ସଂପର୍କରେ ଦିଲ୍ଲୀର ଜଣେ ଅବସରପ୍ରାପ୍ତ ବିଚାରପତି କହିଛନ୍ତି ଯେ ଯେଉଁ ସବୁ ମାମଲାରେ ତୀବ୍ର ମତଭେଦ ନାହିଁ, କ୍ରୁରତା କିମ୍ବା ଯନ୍ତ୍ରଣା ନାହିଁ ସେଠାରେ କାଉନସେଲିଂ ଓ ମଧ୍ୟସ୍ଥତା ଦ୍ୱାରା ସଂପର୍କକୁ ସୁଧାରି ହୁଏ । ତେବେ ଏଥିପାଇଁ ସବୁଠାରୁ ଭଲ ଉପାୟ କ'ଣ ? ବିଚାରପତିମାନେ କୁହନ୍ତି ଏହିପରି ଛୋଟ ଛୋଟ ମତଭେଦକୁ ନେଇ ଛାଡପତ୍ର ପାଇଁ ଆବେଦନ କରୁଥିବା ଦମ୍ପତିଙ୍କ ସଂପର୍କରୋ ସୁଧାର ଆଣିବା ପାଇଁ ସେମାନଙ୍କୁ କିଛି ଦିନ ଏକୁଟିଆ ବୁଲିବାକୁ ପଠାଇବା ସବୁଠାରୁ ଭଲ ଉପାୟ । ଏହାକୁ ସେମାନେ ସେକେଣ୍ଡ ହନିମୁନ୍ ବୋଲି କହୁଛନ୍ତି । ଯେ କୌଣସି ଯୋଡି ଏକାଠି ସମୟ କାଟିଲେ ସେମାଙ୍କେ ଭଲ ଦିନର ସ୍ମୃତିସବୁ ମନକୁ ଆସିବ ଏବଂ ସଂପର୍କ ଗାଢ ଦେବ । କେବଳ ଛୁଟି କଟାଇବା ନୁହେଁ ଏପରି ଦମ୍ପତି ନିୟମିତ ଭାବରେ ଲଙ୍ଗ୍ ଡ୍ରାଇଭ୍‌ରେ ଯିବା ମଧ୍ୟ ଫଳପ୍ରଦ ହେଉଛି । ଏ ସଂପର୍କରେ ଦିଲ୍ଲୀର ତିଶ୍‌ହଜାରି ଏବଂ କଡ଼କଡ଼ଡୁମା ଅଦାଲତରେ ଛାଡପତ୍ର ମାମଲାର ରୂପ ମଧ୍ୟ ଖୁବ୍ ଉତ୍ସାହଜନକ । ତିସ୍‌ହଜାରୀରେ କାଉନ୍‌ସେଲିଂ ଦ୍ୱାରା ୬୨.୩ ଏବଂ କଡ଼କଡ଼ଡୁମାରେ ୭୯.୩ ଛାଡପତ୍ର ମକଦ୍ଦମାର ବିଶେଷଜ୍ଞ ଓକିଲ ସୁନୀଲ ଖାନ୍ନା କହିଛନ୍ତ ଯେ ଲୋକମାନେ ବହୁ ସାଧାରଣ କାରଣରୁ ଛାଡପତ୍ର ପାଇଁ ଆବେଦନ କରନ୍ତି । ଆଗରୁ ଛାଡପତ୍ର ମୁଖ୍ୟତଃ ଶାରିରିକ ଏବଂ ମାନସିକ ଉତ୍ପୀଡନ ଯୋଗୁଁ ହେଉଥିଲା । ମାତ୍ର ଏବେ ସଂପର୍କରେ ସଂପୂର୍ଣ୍ଣତା ନ ଆସିବା, ପରସ୍ପର ସହ ଖାପ ଖୁଆଇ ଚଳି ନ ପାରିବା ଏବଂ ସ୍ୱଭାବଗତ ସମସ୍ୟା ଆଦି ମଧ୍ୟ ଛାଡପତ୍ର ପାଇଁ କାରଣ ହେଉଛି । ମହିଳାମାନେ ଶାଶୁ ଶଶୁରଙ୍କ ସହ ଏକାଠି ରହିବାକୁ ରାଜି ନ ହୋଇ ଛାଡପତ୍ର ପାଇଁ ଆବେଦନ କରୁଛନ୍ତି । ଅପରପକ୍ଷେ ପୁରୁଷମାନେ ସେମାନଙ୍କ ସ୍ତ୍ରୀମାନେ ସମ୍ଭୋଗ ପାଇଁ ନୂତନ ପ୍ରଣାଳୀ ନ ଜାଣିବା ନେଇ ଛାଡପତ୍ର ପାଇଁ ଆବେଦନ କରୁଚନ୍ତି । ଘରର ଦାୟିତ୍ୱ ନେବା ମଧ୍ୟ ଏକ ବଡ କାରଣ ହୋଇଛି । ଆଜିକାଲି ସ୍ୱାମୀ ଓ ସ୍ତ୍ରୀ ଉଭୟ ରୋଜଗାର କରୁଛନ୍ତି । ତେଣୁ ଦୁହିଁଙ୍କ ମଧ୍ୟରେ ଅହଂ ସମସ୍ୟା ରହୁଛି । କେହି କାହା କଥା ଶୁଣିବାକୁ ବା ଗ୍ରହଣ କରିବାକୁ ରାଜି ନୁହଁନ୍ତି । ଏହାର ଅନ୍ତିମ ପରିଣାମ ହେଉଛି ଛାଡପତ୍ର ମକଦ୍ଦମା ଏବେ ଦିଲ୍ଲୀ ଅଦାଲତରେ ଏକ ବଡ ସ୍ତରୀୟ ଯୋଜନାରେ ମଧ୍ୟସ୍ଥିତା କେନ୍ଦ୍ର ଆରମ୍ଭ କରାଯାଇଛି । ଏଠାରେ ଅନେକ ଛାଡପତ୍ର ମାମଲା ସମାଧାନ ହୋଇଯାଉଛି । ଏହି କେନ୍ଦ୍ରରେ ବିଚାରପତିମାନେ କେବଳ ସଂପର୍କକୁ ଯୋଡୁ ନାହାଁନ୍ତି । ଏଥିସହ ସମସ୍ୟାର ମୂଳ ପର୍ଯ୍ୟନ୍ତ ଯାଇ ଏହାର ସମାଧାନ କରୁଛନ୍ତି । ଏହି ବିଚାରପତିମାନେ ଏବେ ପରିବାରକୁ ରକ୍ଷା କରିବାରେ ଶୁଭ ଚିନ୍ତକର ଭୂମିକା ନିର୍ବାହ କରୁଛନ୍ତି ।

# ବାହାଘର ସିଜିନ୍‌ରେ ଫ୍ୟୁଜନ୍ ଏମ୍ବ୍ରୋଡୋରି ଫାସନ୍

**ଆରମ୍ଭ ହୋଇଗଲାଣି ବାହାଘର ସିଜିନ୍ । ଏହି ସମୟରେ ବିଭିନ୍ନ ପାର୍ଟି, ଫଙ୍କସନ୍ ଯିବାକୁ ପଡ଼ିଥାଏ । ଏପରି କି ପ୍ରତ୍ୟେକ ନାରୀ ଚାହାନ୍ତି କେମିତି ଗେଟଅପ୍ ନେଲେ ଅନ୍ୟଠୁ ଭିନ୍ନ ଦେଖାଯିବେ । ଏଥିପାଇଁ ସବୁଠୁ ଭଲ ଅପ୍ସନ୍ ହେଉଛି ଫ୍ୟୁଜନ୍ ଏମ୍ବ୍ରୋଡୋରି ଆଉଟଫିଟ୍ ।**

ଏବେ ହେଭି ୱାର୍କ ହୋଇଥିବା ବନାରସୀ କିମ୍ବା ସିଲ୍କ ଶାଢ଼ି ପିନ୍ଧିବା ପରିବର୍ତ୍ତେ ବିଭିନ୍ନ ଏମ୍ବ୍ରୋଡୋରି ଶାଢ଼ିର ଡିମାଣ୍ଡ ଅଧିକ ରହିଛି, ଯାହାକୁ ପିନ୍ଧିବା ପରେ ଆପଣ ଟ୍ରେଣ୍ଡି ସହିତ ଆକର୍ଷଣୀୟ ଲୁକ୍ ପାଇପାରିବେ । ଏହା ପୁଣି ବିଭିନ୍ନ କଲଚର ଏବଂ ଭିନ୍ନ ଭିନ୍ନ ଡିଜାଇନରେ ମଧ୍ୟ ମିଳୁଛି । ଫ୍ୟୁଜନ୍ ଏମ୍ବ୍ରୋଡୋରୀ ଶାଢ଼ିକୁ କେବଳ ପାର୍ଟି କିମ୍ବା ଫଙ୍କସନ୍‌ରେ ପିନ୍ଧାଯାଇଥାଏ ତାହା ନୁହେଁ ଖାସ୍ ଅବସରରେ ମଧ୍ୟ ଏହାକୁ ଆପଣେଇ ପାରିବେ । ପିଙ୍କ୍ କଲଚର ଜର୍ଜେଟ୍ ଶାଢ଼ି ତଳେ ଚଉଡ଼ା ବ୍ଲାକ ବର୍ଡ଼ର । ଯେଉଁଥିରେ କ୍ରିମ କଲରର ସୂତାରେ ତିଆରି ସୁନ୍ଦର ଏମ୍ବ୍ରୋଡୋରି ଡିଜାଇନ୍ । ଏହା ଉପରେ ବିଭିନ୍ନ କଲରର ସ୍ୟାଟେନ୍ ଷ୍ଟ୍ରିଚିଂ ଏମ୍ବ୍ରୋଡୋରି ଦ୍ୱାରା ହୋଇଥିବା ପତ୍ର ଡିଜାଇନ୍ ଶାଢ଼ିର ଲୁକ୍‌କୁ ଦ୍ୱିଗୁଣିତ କରିଦେଇଥାଏ । ଏହା ସହିତ ଶାଢ଼ି କାନିରେ ଥିବା ପିଙ୍କ୍ କଲରର ଚିକନ୍ ଏମ୍ବ୍ରୋଡୋରୀ ଅଧିକ ଆକର୍ଷଣୀୟ ଦେଇଥାଏ । ପୁଣି ଏହାତଳେ ବ୍ଲାକ ବେସରେ ଏମ୍ବ୍ରୋଡୋରିର ଏକ ଅଲଗା ପ୍ୟାଟର୍ଣ୍ଣ ଏବଂ ଗୋଲ୍ଡେନ କଲରର କ୍ରୋଶିଆଲେସ୍ । ଏବେ ଏହି ଶାଢ଼ି ଏକ ପରଫେକ୍ଟ ପାର୍ଟିୱେର୍, ଯାହାକୁ ପିନ୍ଧି ଆପଣ ପାର୍ଟିକୁ ଗଲେ ସ୍ମାର୍ଟ ଏବଂ ଲିଗେଣ୍ଟ ଲାଗିବେ ନିଶ୍ଚୟ ।

# ନିଦ ହେଉଛି ତ ଖାଆନ୍ତୁ ଏହି ୭ଟି ଖାଦ୍ୟ

ଭଲ ଦିନ ପାଇଁ ମଣିଷ ଅନେକ କିଛି କରିଥାଏ । ଦରକାର ପଡ଼ିଲେ ନିଦ ପାଇଁ ବିଭିନ୍ନ ଔଷଧ ସେବନ ମଧ୍ୟ କରିଥାଏ । ହେଲେ ଏମିତି କିଛି ଖାଦ୍ୟ ଅଛି, ଯାହାକୁ ଶୋଇବାକୁ ଯିବା ପୂର୍ବରୁ ଖାଇଲେ ଭଲ ନିଦ ହୋଇଥାଏ ।

ଭାତ-ପଖାଳ ଖାଇଲେ ଭଲ ନିଦ ହୋଇଥାଏ । କାହିଁ କେତେ କାଳରୁ ଓଡ଼ିଶାର ଲୋକପ୍ରିୟ ଖାଦ୍ୟ ଭାବେ ବେଶ୍ ପରିଚିତ । ଏହା ମଧ୍ୟ ସତ ଯେ, ଯୁକ୍ତରାଷ୍ଟ୍ର ଆମେରିକାରେ ନିଦ୍ରାହୀନତା ବା ଇନସୋମାନିଆ ବିଷୟରେ ଗବେଷଣା କରୁଥିବା ଡାକ୍ତରମନେ ଏହା କହିଛନ୍ତି । ଏହା ମସ୍ତିଷ୍କରେ ନ୍ୟୁରୋ ଟ୍ରାନ୍ସମିଟର ସିରୋଟିନର ପ୍ରବାହକୁ ବୃଦ୍ଧି କରାଇଥାଏ । ଏହାଦ୍ୱାରା ମଣିଷ ଶାନ୍ତି ଅନୁଭବ କରେ ଓ ଭଲ ନିଦ ହୋଇଥାଏ ।

ଅଣ୍ଡା- ଅଣ୍ଡା ଏକ ପୁଷ୍ଟିକର ଖାଦ୍ୟ । ଶୋଇବାର ଯଥେଷ୍ଟ ପୂର୍ବରୁ ଏହାକୁ ଖାଇବାକୁ ପଡ଼ିଥାଏ । ଅଣ୍ଡାରେ ଭିଟାମିନ-ଡିର ମାତ୍ରା ଅଧିକ ରହିଥାଏ । ଭିଟାମିନ-ଡି ମସ୍ତିଷ୍କର ନ୍ୟୁରନ ଉପରେ ପ୍ରଭାବ ପକାଇଥାଏ । ଏଥିପାଇଁ ଭଲ ନିଦ ହୁଏ ବୋଲି ଗବେଷକମାନେ ମତ ପ୍ରକାଶ କରିଛନ୍ତି ।

ଉଷୁମ କ୍ଷୀର-ଅଣ୍ଡା ପରି କ୍ଷୀର ଏକ ଉତ୍ତମ ଖାଦ୍ୟ । ଆମିଷ ଖାଉ ନଥିବା ବ୍ୟକ୍ତି ଏହାକୁ ପିଇ ପାରିବେ । କ୍ଷୀରରେ ପ୍ରଚୁର ମାତ୍ରାରେ କ୍ୟାଲସିଅମ ରହିଥାଏ । ଏହା ସହ ଏଥିରେ ଆମିନୋ ଏସିଡ଼ ଓ ଟ୍ରାଇପ୍ଟୋଫେନ ଓ ଭିଟାମିନ-ଡି ରହିଛି । ଏହି ସବୁ ଉପାଦାନ ଶରୀରରେ ମେଲାଟେନିନ ପ୍ରସ୍ତୁତ କରିଥାଏ । ଏଥିଯୋଗୁଁ ନିଦ୍ରାହୀନତାର ହ୍ରାସ ପାଇଥାଏ ।





ସୁଷମ ଖାଦ୍ୟ । ଶୋଇବା ପୂର୍ବରୁ କିଛି କାଜୁ ଖାଇଲେ ବି ଏହା ଭଲ ନିଦର କାରଣ ହୋଇଥାଏ । ମ୍ୟାଗ୍ନେସିୟମ ଓ ଅନ୍ୟାନ୍ୟ ମିନେରାଲ ରହିଛି କାଜୁରେ । ଯାହାଯୋଗୁଁ ସୁନିଦ୍ରା ଆସିଥାଏ ।

ସମୁଦ୍ରିକ ମାଛ- ବିଭିନ୍ନ ସମୁଦ୍ରିକ ମାଛ ଖାଇବା ଫଳରେ ନିଦ ଭଲ ହୋଇଥାଏ । ଏଥିରେ ଓମେଗା-୩ ସହ ବିଭିନ୍ନ ଫ୍ୟାଟି ଏସିଡ଼ ରହିଛି । ଯାହା ଭଲ ନିଦ କରିବାରେ ସାହଯ୍ୟ କରେ ।

କନ୍ଦମୂଳ- କନ୍ଦମୁଳରେ ପ୍ରଚୁର ମାତ୍ରାରେ ମ୍ୟାଗ୍ନେସିୟମ ରହିଛି । ଏହା ନିଦ୍ରାହୀନତା ଦୂର କରିବାରେ ସାହାଯ୍ୟ କରିଥାଏ ।

ଅଖରୋଟ- ଏବେ ବଜାରରେ ସହଜରେ ଅଖରୋଟ ଉପଲବ୍ଧ । ଏଥିରେ ମେଲାଟୋନିନ ତତ୍ତ୍ୱ ରହିଛି । ଯାହା ଭଲ ନିଦ କରାଇବାରେ ସାହାଯ୍ୟ କରିଥାଏ ।

# ହାତରୁ ମେହେନ୍ଦି ଛଡ଼ାଇବେ କିପରି



କ୍ଲୋରିନ - ହାତରୁ ମେହେନ୍ଦି ଛଡ଼ାଇବା ପାଇଁ କ୍ଲୋରିନ ଏବଂ ପାଣିର ମିଶ୍ରଣରେ ଅତି କମରେ ୫ ମିନିଟ ହାତ ବୁଡ଼ାଇ ରଖିବା ପରେ ସାଦା ପାଣିରେ ଧୋଇ ଦିଅନ୍ତୁ । ଏହାପରେ ବ୍ଲିଚକୁ ନେଇ ଆପଣ ହାତରେ ଲଗାନ୍ତୁ । ବ୍ଲିଚ ଶୁଖିଲାପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଦେଖିବେ ମେହେନ୍ଦିର ରଙ୍ଗ ହାଲକା ହୋଇଯିବ ।

ଲୁଣ ଏବଂ ଅଲିଭ ତେଲ- ଲୁଣ ଏବଂ ଅଲିଭ ତେଲକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ହାତରେ ଲଗାନ୍ତୁ । ଶୁଖିଲାପରେ ଏହାକୁ ସଫା କରିଦିଅନ୍ତୁ ।

ଆଳୁରସ-ଆଳୁରସରେ ହାତରେ ମସାଜ କରନ୍ତୁ ଏବଂ ଏହାକୁ ଶୁଖିବାକୁ ଛାଡ଼ିଦିଅନ୍ତୁ । ଏହାପରେ ହାତକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ ।

# ୧୦ ବର୍ଷରେ କପା ଉତ୍ପାଦନ ବଢ଼ିଛି ୧୩୫% : ବିହନ ଲାଗି ପର ଉପରେ ନିର୍ଭରଶୀଳ

ଭୁବନେଶ୍ୱର, ୧୯/୧୨ (ନି.ପ୍ର): ୧୦ ବର୍ଷ ମଧ୍ୟରେ ରାଜ୍ୟରେ କପା ଉତ୍ପାଦନ ୧୩୫.୬୯% ବଢିଥିବା ନେଇ କୃଷି ବିଭାଗ ସୂଚନା ଦେଇଛି। ଏହା ଧାନ, ମାଣ୍ଡିଆ, ଡାଲି ଜାତୀୟ କିମ୍ବା ଯେକୌଣସି ପରିବା ଠାରୁ ମଧ୍ୟ ଅଧିକ। କିନ୍ତୁ ଆଜି ପର୍ଯ୍ୟନ୍ତ କପା ବିହନ ନେଇ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇ ପାରି ନାହିଁ। ସେହିଭଳି ରାଜ୍ୟର ଚାଷୀଙ୍କ ଉତ୍ପାଦିତ କପା ଉନ୍ନତମାନର ହୋଇଥିଲେ ହେଁ ଏହାର ଉପଯୋଗ ପାଇଁ ସୁତା କଳ ନାହିଁ। କୃଷି ବିଭାଗର ତଥ୍ୟ ଅନୁସାରେ, ୧୯୮୦ ମସିହାରେ ରାଜ୍ୟରେ ୫ ହଜାର ହେକ୍ଟର କପା ଚାଷ ହୋଇ ୫ ହଜାର ଗାଣ୍ଠି ଉତ୍ପାଦିତ ହେଉଥିଲା। ୨୦୧୩ ମସିହାରେ ଏହା ୧.୨୩ ଲକ୍ଷ ହେକ୍ଟରୁ ୨.୯୯ଲକ୍ଷ ଗାଣ୍ଠି ଏବଂ ୨୦୨୨ ମସିହାରେ ୨.୧୬ ଲକ୍ଷ ହେକ୍ଟରରେ ଉତ୍ପାଦନ ୭.୪ଲକ୍ଷ ଗାଣ୍ଠିକୁ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ୨.୩୦ ଲକ୍ଷ ହେକ୍ଟର କପା ଚାଷ ହୋଇଛି, ଅର୍ଥାତ୍ ପୂର୍ବ ତୁଳନାରେ ଅଧିକ। ଜାତୀୟ କପା ନିଗମର ଜଣେ ଅଧିକାରୀଙ୍କ ଅନୁସାରେ, ୨୦୧୪ ମସିହାରେ କପା ନିଗମ ସଂଗ୍ରହ କରିଥିବା ୮୫ ଲକ୍ଷ ଗାଣ୍ଠିରୁ ୭୫ ହଜାର ଗାଣ୍ଠି ବାଂଲାଦେଶକୁ ରପ୍ତାନି କରାଯାଇଥିଲା। ଏଥିରୁ କେବଳ ୩୪.୭୦୦ ହଜାର ଗାଣ୍ଠି କେବଳ ଓଡ଼ିଶାର ଥିଲା। ଅର୍ଥାତ ରପ୍ତାନି ହେଉଥିବା ଉନ୍ନତମାନର କପା ମଧ୍ୟରେ କେବଳ ଓଡ଼ିଶାର ୩୫ % ଅଟେ। ଏପରିକି ଏସିଆର ଉନ୍ନତମାନର କପା ମଧ୍ୟରେ ଓଡ଼ିଶାର କପାକୁ ସାମିଲ କରାଯାଏ। ଅନ୍ୟପକ୍ଷରେ ବଲାଙ୍ଗୀର ଏବଂ କଳାହାଣ୍ଡି ମଣ୍ଡିକୁ ସମବାୟ ବିଭାଗ ପକ୍ଷରୁ ଜାତୀୟ ମଣ୍ଡିର ମାନ୍ୟତା ଦିଆଯାଇଛି। ରାଜ୍ୟର ଚାଷୀ ଚାଷ ପାଇଁ ଆଗଭର ହୁଅନ୍ତି କିନ୍ତୁ ସରକାରଙ୍କ ପକ୍ଷରୁ ଏହାର ଉପଯୋଗର ବ୍ୟବସ୍ଥା ନାହିଁ କି ଚାଷୀଙ୍କୁ ଆବଶ୍ୟକ ସୁବିଧା ମଧ୍ୟ ନାହିଁ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଚାଷୀ ସୁଗ୍ରୀବ ଦୋରାଙ୍କ କହିବା ଅନୁସାରେ, ୧୦ ବର୍ଷ ପୂର୍ବରୁ ଗଞ୍ଜାମରେ ପ୍ରତି ଗାଁରେ କପା ଚାଷ ହେଉଥିଲା। ଏବେ ନାହିଁ। ଏହି ଚାଷ ପାଇଁ ପାଣିର ଆବଶ୍ୟକତା ଥାଏ କିନ୍ତୁ ଏଠାରେ ଜଳସେଚନର ବ୍ୟବସ୍ଥା ନାହିଁ। ସେଥିପାଇଁ ଭୂତଳ ନଳକୂଅ ପାଇଁ ଆବେଦନ କରାଯାଇଛି। ଚଳିତ ବର୍ଷ ଜିଲ୍ଲାରେ ବର୍ଷା ନ ହେବାରୁ ଆଶାଜନକ ଉତ୍ପାଦନ ହୋଇ ନାହିଁ। ସେଥିରେ ପୁଣି ଗତବର୍ଷ ଠାରୁ ଚଳିତ ବର୍ଷ କମ ପ୍ରାପ୍ୟ ମିଳିଛି। ଗତବର୍ଷ ଅଧିକ ଚାହିଦା ଥିବାରୁ କେଜି ହିସାବରେ ୭୫ ଟଙ୍କା ମିଳିଥିଲା କିନ୍ତୁ ଚଳିତ ବର୍ଷ ଏମ୍‌ଏସ୍‌ପି ଦର ୬୬.୨୦ ଟଙ୍କା ମିଳିଛି। ଗତବର୍ଷର ଚାହିଦା ଦେଖି ଅନେକ ଏଥିପ୍ରତି ଆଗ୍ରହ ଦେଖାଇଥିଲେ। ମାତ୍ର ଏବେ ସେମାନେ ନିରାଶ ହୋଇଛନ୍ତି। ବଲାଙ୍ଗୀର ଏବଂ କଳାହାଣ୍ଡିରେ ଯେଉଁଠି ସର୍ବାଧିକ କପା ଉତ୍ପାଦନ ହୁଏ ସେଠି ମଧ୍ୟ ଚାଷ ବର୍ଷା ଉପରେ ନିର୍ଭରଶୀଳ। ବର୍ଷା କମ ହେଲେ ଉତ୍ପାଦନ ବାଧାପ୍ରାପ୍ତ ହୁଏ। ଏଥିପାଇଁ ଓଡ଼ିଶାର ହେକ୍ଟର ପିଛା ଉତ୍ପାଦନ ହାର ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ଗୁଜୁରାଟ ଠାରୁ କମ୍ ଅଟେ। ପଞ୍ଜାବ, ହରିୟାଣା, ରାଜସ୍ଥାନରେ କେଜି ପିଛା ଉତ୍ପାଦନ ହାର ୬୦୦ରୁ ୭୦୦ କେଜି। ଓଡ଼ିଶାରେ ଏହା ୫୬୮ କେଜି ଅଟେ। ଏହି ରାଜ୍ୟ ଅପେକ୍ଷା ଓଡ଼ିଶାର ଭଲ ବର୍ଷା ବରଦାନ ସଦୃଶ ଅଟେ। କିନ୍ତୁ ଉଭୟ ଜିଲ୍ଲାରେ କପା ଚାଷ ଉତ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଜନା ନାହିଁ। ଗବେଷକ ଭବାନୀ ନାଏକଙ୍କ କହିବା ଅନୁସାରେ, ରାଜ୍ୟରେ କପା ଚାଷର ବଡ଼ ଚ୍ୟାଲେଞ୍ଜ ହେଲା ବିହନରେ ପରନିର୍ଭରଶୀଳତା। ଚାଷୀଙ୍କ ମଧ୍ୟରେ ପ୍ରଯୁକ୍ତି ନେଇ ସଚେତନତାର ଅଭାବ ବି। ୧ ହେକ୍ଟର କପା ପାଇଁ ୨ରୁ୨.୫ ବିହନର ଆବଶ୍ୟକତା ଥାଏ। ଏଥିପାଇଁ ଓଡ଼ିଶା ଯୋଗ୍ୟ ହେଲେ ମଧ୍ୟ ମହାରାଷ୍ଟ୍ର, ଗୁଜୁରାଟର କମ୍ପାନି ଉପରେ ନିର୍ଭରଶୀଳ। ଅର୍ଥକାରୀ ଫସଲ ଅନୁସାରେ ଏହାକୁ ନେଇ ପ୍ରଶିକ୍ଷଣ ବ୍ୟବସ୍ଥାର ଅଭାବ ରହିଛି। କପା ଉତ୍ପାଦନରେ ଓଡ଼ିଶା ଅଗ୍ରଣୀ ହେଲେ ସୁଦ୍ଧ ସୁରତ ଭଳି ଏଠାରେ ସୁତାକଳ ହୋଇ ନାହିଁ। ବରଂ କେସିଙ୍ଗା, ଚୌଦ୍ୱାରରେ ଯାହା ଥିଲା. ତାହା ବନ୍ଦ ହୋଇ ଯାଇଛି। ଏଥିଯୋଗୁଁ ଓଡ଼ିଶା ଅନ୍ୟମାନଙ୍କ ଭଳି ପ୍ରାପ୍ୟ ପାଉ ନାହିଁ। ଓଡ଼ିଶା ଶ୍ରମିକ ସୁରତ ସୁତା କଳରେ କାର୍ଯ୍ୟ କରୁଛନ୍ତି।

# ବିଜୁ ପଟ୍ଟନାୟକ ମହିଳା କଲେଜ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ସୋନପୁର, ୧୯/୧୨ (ନି.ପ୍ର): ଆଜି ସୁବର୍ଣ୍ଣପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଠାରେ ନୂଆ ଓ ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ସହରର ବରିଷ୍ଠ ନାଗରିକ ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡ଼ିଗ୍ରୀ କଲେଜ୍ ପରିଚାଳନା କମିଟି ସଭାପତି ଅଭିମନ୍ୟୁ କୁଶଳ ଓ କଲେଜ୍ ଅଧ୍ୟକ୍ଷା ରିତାରାଣୀ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ପୂଜ୍ୟ ପୂଜା ବରିଷ୍ଠ ନାଗରିକ ମାନଙ୍କୁ କଲେଜର ମୁଖ୍ୟ ଫାଟକ ଆଗରେ ପାଦ ଧୋଇ ଫୁଲ ଚନ୍ଦନ ଓ ଉପଢୌକନ ପ୍ରଦାନ ପୂର୍ବକ ଛାତ୍ରୀଙ୍କ ଦ୍ୱାରା ଉଚ୍ଚ କୋଟିର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ପରେ ବରିଷ୍ଠ ନାଗରିକ ମାନେ ନିଜ ନିଜର ଅନୁଭୂତି ଆଦାନ ପ୍ରଦାନ୍ କରିଥିବା ବେଳେ ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖିଥିଲେ। ବରିଷ୍ଠ ନାଗରିକ ଶ୍ରୀବତ୍ସ ମଲ୍ଲିକ, ସୁଶ୍ରୀ ରେଣୁକା ମିଶ୍ର, ଶମ୍ଭୁ ଭୂଷଣ ପଣ୍ଡା, ଡଃ. ଜ୍ୟୋତି ରଞ୍ଜନ ବହିଦାର, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ବ୍ରଜ ମୋହନ ଦାନୀ, ଶ୍ୟାମା ବହିଦାର ଆତିଥି ଭାବେ ଯୋଗଦେଇ ମାର୍ଗ ଦର୍ଶନ ଦେଇଥିଲେ। ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଓ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ମଂଚରେ ନାଗରିକଙ୍କୁ ପରିଚୟ ପ୍ରଦାନ, ସ୍ୱାଗତ ସଂଗୀତ ଗାନ, ସମ୍ବର୍ଦ୍ଧନା ଜ୍ଞାପନ ଓ ନାଗରିକଙ୍କୁ ସାମୂହିକ ଭୂମିଷ୍ଠ ପ୍ରଣାମ କରିବା ବେଳେ ଉପସ୍ଥିତ ଛାତ୍ରୀ, ଅଧ୍ୟାପକ, କର୍ମଚାରୀ ଓ ବୁଦ୍ଧିଜୀବି ଭାବ ବିହ୍ୱଳ ହୋଇ ପଡ଼ିଥିଲେ। ଏହି ମହିଳା କଲେଜରେ ଏକ ପିଜି କୋର୍ସ ଖୋଲିବା ପାଇଁ ବରିଷ୍ଠ ନାଗରିକ ମାନେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବୀ ଜଣାଇବାକୁ ପ୍ରସ୍ତାବ ରଖିଥିଲେ। ପିତୃ, ମାତୃ, ଦେବ ଓ ରାଷ୍ଟ୍ରକୁ ଯିଏ ଭଲପାଏ, ଭକ୍ତି କରେ ସେ ହିଁ ପ୍ରକୃତ ମଣିଷ ବୋଲି ନାଗରିକ ମାନେ ପ୍ରକାଶ କରିଥିଲେ। ଏବଂ ରାଜ୍ୟର ପ୍ରତ୍ୟେକ ସ୍କୁଲ କଲେଜରେ ଏଭଳି ନୈତିକ ପରମ୍ପରା, ସଂସ୍କାର ଜାରି ରଖିଲେ ଏକ ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି ମତ ରଖିଥିଲେ। ଛାତ୍ରୀ ପୂଜା, ଅନନ୍ୟା, ସଲୋନି ଓ କାଜଲ ଭାବ ବିନିମୟରେ ନାଗରିକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିବା ବେଳେ ଶିଖା ଏଣ୍ଡ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ପରିବେଷଣ କରାଯାଇଥିଲା। ଅଧ୍ୟାପକ ମଦନ ସୁନ୍ଦର ଖେତୀ ଓ ଛାତ୍ରୀ ଶିବାନୀ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ପୂର୍ଣିମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଖିରୋଦ ମେହେର, ଦୁଃଖିଶ୍ୟାମ ମେହେର , ସଞ୍ଜୁରାଣୀ ସିଂ, ସୁଦାମ ସାହୁ, ଅନ୍ତର୍ଯ୍ୟାମୀ ମିଶ୍ର, ସଞ୍ଜୀବ ହୋତା, ମଦନ ପଣ୍ଡା, ସଞ୍ଜିତା ମିଶ୍ର, ମିତାଲି ବାରିକ ପ୍ରମୁଖ ସମସ୍ତ ଅଧ୍ୟାପକ କର୍ମଚାରୀ ସହଯୋଗ କରିଥିଲେ।

# ସରକାରୀ ପ୍ରୋତ୍ସାହନ ଅଭାବରୁ ବଲାଙ୍ଗିର ଜିଲ୍ଲାରେ ମକାଚାଷ ପରିମାଣ କମିଛି

ବଲାଙ୍ଗିର, ୧୯/୧୨ (ନି.ପ୍ର): ରାଜ୍ୟରେ କୃଷି ଓ କୃଷକର ବିକାଶ ପାଇଁ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି । କିନ୍ତୁ, ବଲାଙ୍ଗୀର ଜିଲ୍ଲାରେ ଚାଷିମାନେ ଅବହେଳାର ଶୀକାର ହେଉଥିବା ଅଭିଯୋଗ ହେଉଛି । ମୁଖ୍ୟତଃ ସରକାରୀ ପ୍ରୋତ୍ସାହନ ଅଭାବ କାରଣରୁ ବଲାଙ୍ଗୀର ଜିଲ୍ଲାରେ ମକାଚାଷ ପରିମାଣ କମିଚାଲିଛି । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ପ୍ରାୟ ୫ ବର୍ଷ ପୂର୍ବରୁ ବଲାଙ୍ଗୀର ଜିଲ୍ଲାରେ ୭ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫରେ ମକାଚାଷ ହେଉଥିଲା । କିନ୍ତୁ, ଏବେ ଏହା ଖସି ଆସି ୩ ହଜାର ହେକ୍ଟରରେ ପହଂଚିଛି । ଜିଲ୍ଲାରେ ଧାନ ଓ କପା ପରେ ଡାଲିଜାତୀୟ ଚାଷ ଓ ମକାଚାଷ ପ୍ରତି ଲୋକଙ୍କ ଆଗ୍ରହ ରହିଛି । ପ୍ରାୟ ୬ ବର୍ଷ ପୂର୍ବେ ଜିଲ୍ଲାରେ ବହୁତ ପରିମାଣରେ ମକାଚାଷ ହୋଇଥିଲା । କିନ୍ତୁ, ଏହାକୁ ବିକ୍ରୀ ସୁବିଧା ମିଳିଲା ନାହିଁ । ଚାଷି ମାନେ ହତାଶ ହୋଇଗଲେ । ଶାଗ, ମାଛ ଦରରେ କେତେକ କୁକୁଡା ଫାର୍ମ ଏହି ମକାମଞ୍ଜିକୁ କୁକୁଡା ଖାଦ୍ୟ ପାଇଁ କିଣିଲେ । ଚାଷିମାନେ କ୍ଷତି ସହିଲେ । ସେହିପରି ସରକାରଙ୍କ ତରଫରୁ ଚାଷିଙ୍କୁ ଦିଆଯାଉଥିବା ମକାମଞ୍ଜି ଓ ସହାୟତା ରାଶି ବନ୍ଦ କରିଦିଆଯାଇଛି । ଉତ୍ପାଦିତ ମକାର ଅଭାବୀ ବିକ୍ରୀ ଓ ସରକାର ଦେଉଥିବା ମଞ୍ଜି ଓ ସହାୟତା ବନ୍ଦ ହୋଇଯିବା କାରଣରୁ ଜିଲ୍ଲାରେ ମକାଚାଷ କମିଚାଲିଛି । ବଲାଙ୍ଗୀର ଜିଲ୍ଲାର ଦେଓଗାଁ ବ୍ଲକରେ ସର୍ବାଧିକ ପରିମାଣରେ ମକାଚାଷ ହୋଇଥାଏ । ଉଭୟ ମିଠା ମକା ଓ ସାଦା ମକା ଉତ୍ପାଦନ ହୋଇଥାଏ । ଦେଓଗାଁ ବ୍ଲକର ଉପରଝର, ଉଡାର ପଂଚାୟରେ ବିପୁଳ ପରିମାଣରେ ମକାଚାଷ ହୋଇଥାଏ । ସରକାର ପ୍ରୋତ୍ସାହନ ଦେଉନଥିଲେ ହେଁ ଉପରଝର ପଂଚାୟତର କୁହିମୁଣ୍ଡା ଗାଁରେ ଶମ୍ଭୁଭୁଷଣ ସାହୁଙ୍କ ସମେତ ଗ୍ରାମବାସୀ ପ୍ରାୟ ୩ ଏକର ଜମିରେ ମକାଚାଷ କରି ଲାଭାନ୍ୱିତ ହୋଇଛନ୍ତି । ପୂର୍ବରୁ କୃଷି ବିଭାଗ ତଥା କୃଷିବିଜ୍ଞାନ କେନ୍ଦ୍ର ତରଫରୁ ସରକାରୀ ଯୋଜନାରେ ମକାମଞ୍ଜି ଯୋଗାଇ ଦେବା ସହ ସାର, ଔଷଧ ଖର୍ଚ୍ଚ ମଧ୍ୟ ଯୋଗାଇ ଦେଉଥିଲେ । କିନ୍ତୁ, ଗତ ପ୍ରାୟ ୪ ବର୍ଷ ହେଲା ଆଉ ସରକାରୀ ପ୍ରୋତ୍ସାହନ ମିଳୁନାହିଁ, ତେଣୁ ଚାଷୀମାନେ ବିଶେଷ ଆଗ୍ରହ ପ୍ରକାଶ କରୁନଥିବା କୁହିମୁଣ୍ଡାର ଚାଷି ଶମ୍ଭୁ ସାହୁ କହିଛନ୍ତି । ଏବେ ରବିଋତୁରେ ସ୍ୱିଟକର୍ଣ୍ଣର ଚାହିଦା ରହିବ । କୁହିମୁଣ୍ଡାରେ ଉଠାଜଳସେଚନ ପଏଂଟ ଜରିଆରେ ଚାଷ କରାଯାଇପାରିବ । ତେଣୁ କୃଷିବିଭାଗ ଚାଷିଙ୍କୁ ମକାଚାଷ ପାଇଁ ପ୍ରୋତ୍ସାହିତ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

# କାକଟ ମଙ୍ଗଳା କ୍ଲବର ୮୦ତମ ଜନ୍ମୋତ୍ସବ

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): ଜିଲ୍ଲାର ପୁରାତନ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାକଟ ମଙ୍ଗଳା କ୍ଲବର ୮୦ତମ ଜନ୍ମୋତ୍ସବ ଶନିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡା ନଗରପାଳ ସରିତା ସାହୁ କ୍ଲବର ସଦସ୍ୟମାନଙ୍କ ଉପସ୍ଥିତିରେ କ୍ଲବ ଗୃହରେ ଜନ୍ମଦିନ କେକ୍ କାଟି ଜନ୍ମୋତ୍ସବକୁ ଉଦ୍‌ଘାଟନ କରିଥିଲେ । ପରେ ପରେ କ୍ଲବ ସଭାପତି ଉମେଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଶ୍ରୀମତୀ ସାହୁ, ଉପଦେଷ୍ଟା ସାମ୍ବାଦିକ ଅମ୍ବିକା ଦାସ, ପ୍ରଫୁଲ୍ଲ କୁମାର ସାହୁ, ଗଣେଶ୍ୱର ସାହୁ, ପରେଶ ଦାସ, କୈଳାସ ମହାନ୍ତି, ମୁକ୍ତାର ଖାଁ, ନସୁର ଖାଁ, ଧିରେନ କୁମାର ସାହୁ, ପୌର ପରିଷଦ ଉପନଗରପାଳ ଆକବରୀ ଖାତୁନ୍ ପ୍ରମୁଖ କ୍ଲବର ସମାଜସେବା ସମ୍ପର୍କରେ କହିଥିଲେ । ସମ୍ପାଦକ ହାଡିବନ୍ଧୁ ସିଂହ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ରାଜୀବ ପାଢୀ ଧନ୍ୟବାଦ ଦେଇଥିଲେ । କ୍ଷୀରୋଦ ସିଂହ, ଅକ୍ଷୟପ୍ରିୟ ଦାସ, ଉମାକାନ୍ତ ସିଂହ, ରଞ୍ଜିତ କୁମାର ସାହୁ, ସୂର୍ଯ୍ୟକାନ୍ତ ରାଉତ, କମଳାକାନ୍ତ ରାଉତ, ଅରବିନ୍ଦ ମୁଦୁଲି, ପ୍ରଫୁଲ୍ଲ ରାଉତ, ବିବେକାନନ୍ଦ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ପୁରସ୍କାର ବିତରଣ କରିଥିଲେ ।

# କୂର୍ମଙ୍କ ପାଇଁ ନିୟୋଜିତ ହେଲେ ସୁରକ୍ଷାକର୍ମୀ: ସଫେଇ ଆରମ୍ଭ, ଜାଲ ଜବତ

ବୁଗୁଡ଼ା, ୧୯/୧୨ (ନି.ପ୍ର): ଓଡ଼ିଶାର ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ପୋଖରୀ ଭାବେ ପରିଚିତ ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍ ଗୋଲିଆ ଗ୍ରାମର ବହୁ ପୁରାତନ ନୀଳ ପୋଖରୀରେ ରହୁଥିବା ବିରଳ କୂର୍ମ (ବଡ଼ କଇଁଛ)ଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଥିବା ଓ ବାରଣ ସତ୍ତ୍ୱେ ମାଛ ଧରିବା ପାଇଁ ଜାଲ ପକାଯାଉଥିବା ନେଇ ଗତ ୧୩ ତାରିଖରେ 'ସମ୍ବାଦ'ରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାପରେ ବନ ବିଭାଗ ତତ୍ପରତା ଦେଖାଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ପୋଖରୀ ଭିତରୁ ଆବର୍ଜନା ବାହାର କରାଯାଇଛି। ଏହାସହ ପୋଖରୀ ଚାରିପାଖରେ ଉଠିଥିବା ଲଟାବୁଦା ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମାଛ ମାରିବାକୁ ପୋଖରୀରେ ପଡ଼ିଥିବା ଜାଲକୁ ବି ଜବତ କରାଯାଇଛି।

ସେହିପରି କୂର୍ମଙ୍କ ସୁରକ୍ଷା ଓ ପୋଖରୀକୁ ପରିଷ୍କାର ରଖିବାକୁ ଗ୍ରାମବାସୀଙ୍କୁ କାନ୍ଥରେ ପୋଷ୍ଟର୍ ମାଧ୍ୟମରେ ସଚେତନ କରାଯାଇଛି। ସୁରକ୍ଷା ପାଇଁ ଏଲିଫେଣ୍ଟ୍ ସ୍କ୍ୱାଡ୍‌ର ୨ ଜଣ ସୁରକ୍ଷାକର୍ମୀ (ଗାର୍ଡ) ୨୪ ଘଣ୍ଟିଆ ଡ୍ୟୁଟିରେ ନିୟୋଜିତ ହୋଇଛନ୍ତି। ଆଗକୁ ପୋଖରୀ ହିଡ଼ରେ ଆଲୋକୀକରଣ ବ୍ୟବସ୍ଥା କରାଯିବ। ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଯୋଜନା ରହିଥିବା ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ସୂଚନା ଦେଇଛନ୍ତି। ପୁରୀର ଇନ୍ଦ୍ରଦ୍ୟୁମ୍ନ ପୋଖରୀ ପରେ ଏହା ଦ୍ୱିତୀୟ ପୋଖରୀ ଯେଉଁଠି ଶତାଧିକ କୂର୍ମ ରହିଆସୁଛନ୍ତି। ଏହାପଛରେ କିମ୍ବଦନ୍ତି ବି ରହିଛି। ବିରଳ କୂର୍ମ ଦେଖିବା ଲାଗି ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ଆସନ୍ତି।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଚାରି ଆହତ

ମାଲକାନଗିରି, ୧୯/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ୩୨୬ନଂ ଜାତୀୟ ରାଜପଥରେ ଆଜି ସଡ଼କ ଦୁର୍ଘଟଣାରେ ଚାରିଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ସ୍ଥଳରେ ଥି ବା ଲୋକଙ୍କ କହିବା ଅନୁଯାୟୀ ଦ୍ରୁତ ଗତିରେ ଆସୁଥିବା ଏକ ସୁଇଫ୍ଟ ଡିଜାୟାର କାର ଗାଡି ନଂ ଓଡି ୦୨ ବିପି୪୦୬୪ ଅନିୟନ୍ତ୍ରିତ ହୋଇ ମୋଟର ସାଇକେଲକୁ ଧକା ଦେଇଥି ଲା । ଯାହା ଫଳରେ ଏହି ଦୁର୍ଘଟଣାରେ ବାଇକ ଏବଂ ସ୍କୁଟି ଚାଳକ ସମେତ ଚାରି ଆହତ ହୋଇଥିଲେ । ଏହି ଦୁର୍ଘଟଣାରେ ମୋଟର ସାଇକେଲ (ଓଡି ୩୦-୪୩୦୩)ର ଆଗ ଚକ ମୋଟର ସାଇକେଲରୁ ଭାଙ୍ଗି ଅଲଗା ହୋଇଯାଇଥିବା ବେଳେ କାରଟି ସଡ଼କ ନିକଟରେ ଥି ବା ଏକ ଘର ମୁହଁରେ ପଶିଯାଇଥିବା ଦେଖି ବାକୁ ମିଳିଥି ଲା । ଦୁର୍ଘଟଣା ହେବା ପରେ ଆଖପାଖ ଲୋକ ଦୁର୍ଘଟଣା ଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରି ମାଲକାନଗିରି ଚିକିତ୍ସାଳୟକୁ ପଠାଇଥିଲେ ଏଚିକିତ୍ସାଳୟକୁ ପଠାଇଥିଲେ ।

# କ୍ଷୁଦ୍ର ନିଯୁକ୍ତି ମେଳା ଚଳିତ ମାସ ୨୭ ଓ ୨୮ରେ

ପୁରୀ, ୧୯/୧୨ (ନି.ପ୍ର): ଚଳିତ ମାସ ୨୭ ଓ ୨୮ ତାରିଖରେ ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳା ୨୭ ତାରିଖରେ ପୁରୀ ସରକାରୀ ଆଇଟିଆଇ ପରିସରରେ ଓ ୨୮ ତାରିଖରେ ପିପିଲି କଲେଜ ଠାରେ ପୂର୍ବାହ୍ନ ୯ଟା ସମୟରେ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ କ୍ଷୁଦ୍ର ନିଯୁକ୍ତି ମେଳା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୨୨ ଗୋଟି ନିଯୁକ୍ତିଦାତା ସଂସ୍ଥା ମାନେ ଯୋଗଦାନ କରି ଆଶାୟୀ କୁଶଳୀ ଏବଂ ଅଣକୁଶଳୀ ପ୍ରାର୍ଥୀ ମାନଙ୍କୁ ଚୟନ କରିବେ । ଏତଦ ବ୍ୟତୀତ ଓଡିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାନେ ମଧ୍ୟ ଯୋଗ ଦେବେ। ଏହି ସଂସ୍ଥା ମାନେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରିବେ ବୋଲି ସେ କହିଥିଲେ। ଜିଲ୍ଲା ନ

# ଆଜି ବି ମଣିଷ ପଣିଆ ବଞ୍ଚିଛି

ବାଲେଶ୍ୱର, ୧୯/୧୨ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ ବୁଆଁଳ ଗ୍ରା.ପ. ଅଧିନରେ ଥିବା ପାର୍ଦିପା ଗ୍ରାମ ନିବାସୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ଦଳାଇ ବୃତ୍ତି ରେ ଜଣେ ସାଧାରଣ କୃଷକ ହୋଇ ମଧ୍ୟ ଭାବନା ଅତି ଉଚ୍ଚ କୋଟିର । ତୀର୍ଥ ଭ୍ରମଣରେ ଯିବା ପାଇଁ ନିଜର ବଡ ପୁଅ ଶଶୀକାନ୍ତ ଦଳାଇଙ୍କ ଠାରୁ ଆର୍ଥିକ ସହାୟତା ଲୋଡ଼ିଥିଲେ । ପିତାଙ୍କର ଆଗ୍ରହକୁ ସମ୍ମାନ ଜଣାଇ ଶଶୀକାନ୍ତ ପିତାଙ୍କୁ ଅର୍ଥ ପ୍ରଦାନ କରିଥିଲେ । ତୀର୍ଥ ଯାତ୍ରା ରୁ ଫେରିବା ପରେ ପ୍ରସନ୍ନ ଦଳାଇଙ୍କ ପାଖରେ ୫୦୦୦ ଟଙ୍କା ବଳିଥିଲା । ସେହି ଅର୍ଥ ରାଶି କୁ ସତ୍ କର୍ମରେ ବିନିଯୋଗ କରିବାପାଇଁ ପୁତ୍ର ର ପରାମର୍ଶକ୍ରମେ ରୂପା ର ପିଞ୍ଚାବଣିଆଁ ସ୍ଥିତ ଦୋଳ ମେଳଣ ପଡ଼ିଆରେ ଅବସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ରେ ରହୁଥିବା ଅସହାୟ ପିଲାମାନଙ୍କ ସେବାରେ ପ୍ରଦାନ କରିଥିଲେ । ପ୍ରସନ୍ନ ଦଳାଇ ଙ୍କର ଏହି ମଣିଷ ପଣିଆ ପାଇଁ ତାଙ୍କର ମହନୀୟତା କୁ ସମ୍ମାନ ଜଣାଇ ଗୁରୁକୁଳ ତରଫରୁ ଗୁରୁକୁଳ ର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଉପଢୌକନ ପ୍ରଦାନ କରି ସମ୍ମାନିତ କରିବା ସହ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଶା ବିରୋଧି ସଚେତନତା ଶିବିର ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ 'ମନା'ର ମିଳିତ ସହଯୋଗରେ ଅନୁଷ୍ଠିତ

ବାଲେଶ୍ୱର, ୧୯/୧୨ (ନି.ପ୍ର): ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ଓ 'ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର' ମିଳିତ ସହଯୋଗରେ ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ନିଶା ବିରୋଧି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସଂପାଦିକା ମମତା ମହାପାତ୍ର ଶିବିର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରି ନିଶାମୁକ୍ତ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କ ସହଯୋଗ କାମନା କରିଥିଲେ । ଉପଦେଷ୍ଟା ସୁବ୍ରତ କର ସଂପ୍ରତି ଖବରକାଗଜରେ ପ୍ରକାଶିତ ନିଶାର ଭୟାବହ ବିବରଣୀ ଦେବା ସହ ସରକାର ୧୯୫୬ ମସିହା ନିଶା ନିବାରଣ ଆଇନ କାର୍ଯ୍ୟକାରୀତାର ବିଫଳତାର ଚିତ୍ର ଉପସ୍ଥାପନ କରିଥିଲେ । ଡ. କେଶବ ଚରଣ ପଣ୍ଡା ଛାତ୍ରଛାତୀମାନଙ୍କୁ ନିଶା ବିରୋଧରେ ଶପଥ ପାଠ କରାଇଥିଲେ । ନିଶା ବିରୋଧି ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୯ଜଣ କଲେଜ ଛାତ୍ରଛାତ୍ରୀ- ମଦନମୋହନ ପ୍ରଧାନ, ନମିତା ପାତ୍ର, ପଦ୍ମିନୀ ତରେଇ, ମୋନାଲି ଆଚାର୍ଯ୍ୟ, କଳ୍ପନା ରାଉତ, ଆଶୁତୋଷ ମହାପାତ୍ର, ତୃପ୍ତି ମଣ୍ଡଳ, ବିଭୂତି ଭୂଷଣ ନାୟକ ଓ ବନିତା ପାତ୍ରଙ୍କୁ 'ମନା' ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ମହାବିଦ୍ୟାଳୟର ଅଧ୍ୟକ୍ଷା ଲାବଣ୍ୟ ମହାନ୍ତି, ଗଭଣ୍ଡିଂ ବଡ଼ିର ସଭାପତି ସଂଜୟ କୁମାର ପଣ୍ଡା, କଲ୍ୟାଣୀ ନନ୍ଦ ବକ୍ତବ୍ୟ ଦେବା ସହ ସର୍ବଶ୍ରୀ କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ତ୍ରିଦୀବ ନାୟକ, ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ନାରାୟଣ ଦାଶ, ରମେଶ ଜେନା, ଯୋଗେଶ ପ୍ରଧାନ, ନୃସିଂହ ନାୟକ, ଡ. ସାରଙ୍ଗଧର ତ୍ରିପାଠୀ, ରବିନାରାୟଣ ଭୋଳ, ଶାନ୍ତି ବିଶି, ବାସନ୍ତୀ ଦେ, ପ୍ରଭାକର ସାହୁ(ଖ), ଅଧ୍ୟାପକ ଜିତେନ୍ଦ୍ର ପଲେଇ, ଡ. ସନ୍ଧ୍ୟାରାଣୀ ବେରା ଓ ବସନ୍ତ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ସଂପାଦକ କମଳାକାନ୍ତ ଦାଶ ମଂଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ଡ. ନିରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ତଳ ବାରଙ୍ଗ ସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା, ୧୯/୧୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ତଳ ବାରଙ୍ଗ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ରାପଡ଼ା ବ୍ଲକର ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି କୁମୁଦିନୀ ଦେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କଂସାର କ୍ଲଷ୍ଟର ସଂଯୋଜକ ପ୍ରଦିପ ଖଟୁଆ, ସ୍ଥାନୀୟ ୱାର୍ଡ କାଉନସିଲର ତୁଳସୀ ହେମ୍ବ୍ରମ୍, ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଭାପତି ଦୁର୍ଗାପ୍ରସାଦ ପତି, ପରିଚାଳନା କମିଟିର ସଭାପତି ଶିବାଶିଷ ପତି, ଗୀତାଞ୍ଜଳୀ ପ୍ରଧାନ, ରେବତୀ ସେଠୀ ପ୍ରମୁଖଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ଉପରେ ସମିତିର ଜିଲ୍ଲା କମିଟି ବୈଠକ

ବାଲେଶ୍ୱର, ୧୯/୧୨ (ନି.ପ୍ର): ସରକାରୀ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ସମିତିର ଜିଲ୍ଲା କମିଟି ବୈଠକ ମଙ୍ଗଳବାର ଦିନ ପୂର୍ବାହ୍ଣରେ ତାରିଣୀ ନର୍ସିଂ ହୋମ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଡ. କେଶବ ଚରଣ ପଣ୍ଡା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ କରିଥିଲେ । ସାଧାରଣ ସଂପାଦକ ଅଭୟ ମିଶ୍ର ଗତ ବୈଠକର ବିବରଣୀ ପାଠ କରିବା ପରେ ତାହା ଗୃହୀତ ହୋଇଥିଲା । ବାଲେଶ୍ୱର ଜିଲ୍ଲାପାଳ କୃଷି ମହାବିଦ୍ୟାଳୟ ପାଇଁ ବାଲିଆରେ ଥିବା କୃଷି କ୍ଷେତ୍ରରେ ଏହା ପ୍ରତିଷ୍ଠା ପାଇଁ ଦେଇଥିବା ପ୍ରସ୍ତାବ ଉପରେ ସମିତିର ପ୍ରତିନିଧିମାନେ ଏହା ମାତ୍ର ୧୭ ଏକର ଥିବାର ଦର୍ଶାଇଥିଲେ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ନିୟମ ଅନୁଯାୟୀ ଅନ୍ୟୂନ ୪୦ ଏକର ପରିମିତ ଜମିର ଆବଶ୍ୟକତା ରହିଛି । ତେଣୁ ରେମୁଣା ତହସିଲ ଅଧିନସ୍ଥ ନରହରିପୁର ମୌଜାରେ ଥିବା ୫୦ ଏକରରୁ ଊର୍ଦ୍ଧ୍ୱ ପରିମାଣ ଜମିରେ ଏହି ପ୍ରସ୍ତାବିତ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇଥିଲେ । ଏ ସଂପର୍କରେ ଜିଲ୍ଲାପାଳ ରାଜ୍ୟ ସରକାରଙ୍କ କୃଷିବିଭାଗ ସଚିବଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିନିଧିମାନଙ୍କୁ ସୂଚନା ଦେଇଥିବା ସଂପର୍କରେ ସଭାପତି ଡ. ପଣ୍ଡା ବୈଠକରେ ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଉପନିର୍ଦ୍ଦେଶକଙ୍କ ଜରିଆରେ ସମିତି ପକ୍ଷରୁ ୫ଟି ସଚିବଙ୍କୁ ଦିଆଯାଇଥିବା ସ୍ମାରକପତ୍ରକୁ ସେ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟପନ୍ଥା ପାଇଁ ପଠାଇଥିବାର ସାଧାରଣ ସଂପାଦକ ଶ୍ରୀ ମିଶ୍ର ବୈଠକରେ ସୂଚନା ଦେଇଥିଲେ । ରେମୁଣା ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ସମିତିର ବରିଷ୍ଠ ସଦସ୍ୟ ହର ନାରାୟଣ ମଢୁଆଳ ସମିତି ପକ୍ଷରୁ ଏକ ଦାବିପତ୍ର ଦେଇଥିବାର ଜଣାଇଥିଲେ । ବାଲେଶ୍ୱର ଜିଲ୍ଲା ପରିଷଦର ସଭାପତିଙ୍କ ନେତୃତ୍ୱରେ ସମିତିର ଏକ ପ୍ରତିନିଧିଦଳ ଭୁବନେଶ୍ୱରରେ ରାଜ୍ୟ କୃଷି ମନ୍ତ୍ରୀ ଓ କୃଷି ସଚିବଙ୍କୁ ସାକ୍ଷାତ ଆଲୋଚନା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ପ୍ରମୁଖ ମୁଦ୍ରିତ ଗଣମାଧ୍ୟମର ପ୍ରତିନିଧିମାନେ ସେମାନଙ୍କର ତଥ୍ୟ ସମ୍ବଳିତ ଆଲେଖ୍ୟ ପ୍ରକାଶ କରିଥିବାରୁ ଓ ବାଲେଶ୍ୱରର ସମସ୍ତ ଗଣମାଧ୍ୟମ ସମିତିର ସଂବାଦ ପ୍ରଚାର ଓ ପ୍ରକାଶ କରୁଥିବାରୁ ସେମାନଙ୍କୁ ବୈଠକରେ କୃତଜ୍ଞତା ଜ୍ଞାପନ କରାଯାଇଛି । ଏହି ବୈଠକରେ ସର୍ବଶ୍ରୀ ଡ. କ୍ଷିତୀଶ୍ୱର ଦାଶ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ନିରଞ୍ଜନ ପରିଡ଼ା, ଅନନ୍ତ ଦତ୍ତ, ରେମୁଣା ସଂଯୋଜକ ହରିହର ପରିଡ଼ା, ଶ୍ୟାମସୁନ୍ଦର ଜେନା, ଭାସ୍କର ପାଢ଼ୀ, ଭୂପତି ପାତ୍ର, ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭାଗିରଥି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନମ୍ବର: **ST-OT-IPIS-11Stn 23-24,** ତାରିଖ ୧୫.୧୨.୨୦୨୩ । ଇ-ଟେଣ୍ଡରକୁ ଶ୍ରୀ ଡିଭିଜନାଲ ସିଗନାଲ୍ ଆଣ୍ଡ ଟେଲିକମ୍ ଇଞ୍ଜିନିୟର (କୋ) / ଖଡ଼ଗପୁର -୭୧୨୩୦୧, ଏସ୍। ୧୨.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ରେଳବାଇ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୨.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟଗୁଡ଼ିକର ବର୍ଣ୍ଣନା: (i) ବିଭିନ୍ନ ଯାତ୍ରୀଙ୍କ ସୁବିଧା ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷା ଏବଂ କମିଶନ । ବିଭିନ୍ନ ଷ୍ଟେସନରେ ଜିପିଏସ୍ ଘଣ୍ଟା, ଚଇ ସିଷ୍ଟମ୍, ମଲ୍ଟିଲିନ୍/ ସିଙ୍ଗଲ୍ ଲାଇନ୍ ଟ୍ରେନ୍ ସୂଚନା ପ୍ରଦର୍ଶନ ବୋର୍ଡ, ପ୍ଲାଟଫର୍ମ ଫର୍ମ ପ୍ରଦର୍ଶନ ବୋର୍ଡ, କୋର୍ ଗାଇଡ୍ ଡିସପ୍ଲେ ବୋର୍ଡ ଇତ୍ୟାଦି । ଖରାଗପୁର ଡିଭିଜନ୍ ଉପରେ ଏବଂ ରାଧା ମାଇନ୍ସ) । : ଖରାଗପୁର ଡିଭିଜନ୍ ଉପରେ ବିଭିନ୍ନ ଷ୍ଟେସନ୍ (ଜଲେଶ୍ୱର, ବସ୍ତା, ହାଲଡିପଡା, ବାଲାସୋର, ସୋରୋ, ବରିପଡା, ବାଙ୍ଗ୍ରିପୋସି ଏବଂ ତାମୁଲକ୍, ଘାଟିଲା, ଝାରଗ୍ରାମ ଏବଂ ରାଧା ମାଇନ୍ସ) । ଟେଣ୍ଡର ମୂଲ୍ୟ: ୧,୮୫,୭୬,୦୦୮.୦୮ ଉଗଉ: ଅ ୨,୪୨,୯୦୦ / -। ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନିଲ୍ । ସମାପ୍ତି ସମୟ: ୧୦୮ ମାସ । ଦାଖଲ ତାରିଖ: ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୫.୦୧.୨୦୨୪ ର ଖୋଲିବାର ତାରିଖ ୧୫.୦୧.୨୦୨୪ । ଇଚ୍ଛୁକ ଟେଣ୍ଡରଗୁଡିକ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି, ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ପେସିଫିକେସନ୍ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପନ୍ତୁ: ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ । ସମସ୍ତ ଟେଣ୍ଡରରେ ଭାଗ ନେବାକୁ ।

**(PR-938)**

# ବାଲେଶ୍ୱର ଥିଓସୋଫିକାଲ୍ ସୋସାଇଟିର ବାର୍ଷିକ ଉତ୍ସବ ପାଳିତ

ବାଲେଶ୍ୱର, ତା୧୯-୧୨: ସୁଲଗ୍ନା ପବ୍ଲିକ୍ ସ୍କୁଲ୍ ପରିସରରେ ୧୯୭୪-୭୫ ମସିହାରେ ପଞ୍ଜୀକୃତ ବାଲେଶ୍ୱର ଥିଓସୋଫିକାଲ୍ ସୋସାଇଟିର ବାର୍ଷିକ ଉତ୍ସବ ଏହାର ସଭାପତି ହରିରାମ ମଛରଙ୍କ ପୌରୋହିତ୍ୟରେ ଗତ ୧୭ତାରିଖରେ ପାଳିତ ହୋଇଯାଇଛି । ଉତ୍କଳ ଥିଓସୋଫିକାଲ୍ ଫେଡେରେସନ୍‌ର ସଭାପତି ଡକ୍ଟର ଚିତ୍ତରଞ୍ଜନ ଶତପଥୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଓସୋଫିକାଲ୍ ସୋସାଇଟିର ସଭ୍ୟମାନେ ନିଜ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ ବଞ୍ଚିବାକୁ ପରାମର୍ଶ ପ୍ରଦାନ କରିଥିଲେ । କଟକ ଥିଓସୋଫିକାଲ୍ ସୋସାଇଟିର ସଂପାଦକ ସୁଧାଂଶୁ ପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଉପନିଷଦ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସମ୍ମାନିତ ଅତିଥି ଡକ୍ଟର ଚିନ୍ମୟୀ ମିଶ୍ର କର୍ମବାଦ ଉପରେ ନିଜର ମତ ଉପସ୍ଥାପନ କରିଥିଲେ । ବାଲେଶ୍ୱର ସୋସାଇଟିର ସଂପାଦକ ଡକ୍ଟର ପି.ଏସ୍.ପି. ଷଡ଼ଙ୍ଗୀ ସୋସାଇଟିର ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଡକ୍ଟର ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ । ଏହି ସଭାରେ ସୋସାଇଟିର ବହୁ ବରିଷ୍ଠ କର୍ମକର୍ତ୍ତା, ସଦସ୍ୟ ଡକ୍ଟର ଆକୁଳ ଚନ୍ଦ୍ର ପ୍ରଧାନ, ଡକ୍ଟର ଲମ୍ବୋଦର ଦେ, ଡକ୍ଟର ଶଙ୍କର୍ଷଣ ପଣ୍ଡା, ଡକ୍ଟର ଅଜୟ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସୋସାଇଟିର ଉପସଭାପତି ଡକ୍ଟର ଧରଣୀଧର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ଚୈତନ୍ୟ ବିହାରର ସାମ୍ବତ୍ସରିକ ଦିବସ ପାଳିତ

ଖୋର୍ଦ୍ଧା, ୧୯/୧୨ (ନି.ପ୍ର): ଖୋର୍ଦ୍ଧା ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ ପକ୍ଷରୁ ଶ୍ରୀ ଗୌର ଜଗନ୍ନାଥଙ୍କ ଘୋଡ଼ ଲାଗି ଓ ଓଢଣ ଷଷ୍ଠୀ ରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି ।ଏହି ଅବସରେ ଦୁଇ ଦିନ ଧରି ଅଷ୍ଟପ୍ରହର ନାମଯଂଜ୍ଞ, ସହିତ ଅବତାରି ଓ ଅବତାରବାଦ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଅଧ୍ୟାପକ ହେମନ୍ତ କୁମାର ଦାସ,ଶିକ୍ଷାବିତ ଯୁଧିଷ୍ଠିର ଛୁଆଲସିଂହ,ପଣ୍ଡିତ ଗୋପବନ୍ଧୁ ପଣ୍ଡା,ଶ୍ରୀ ଚୈତନ୍ୟ ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ଭୁବନେଶ୍ୱର ର ଶଚିଦାନନ୍ଦ ମହାରାଜ,ଆଠଗଡ଼ର ଶ୍ରୀ ଯଶୋଦା ମହାରାଜ,ପ୍ରମୁଖ ଭାଗ ନେଇ ଶ୍ରୀ କୃଷ୍ଣ ଜଗନ୍ନାଥ ଯେ ଅବତାରି ତାଙ୍କ ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ନ୍ୟାୟାଳୟ ର ଅଧିବକ୍ତା ଶ୍ରୀ ବାବୁଲାଲ ଗୁପ୍ତା ଯୋଗ ଦେଇ ଗରିବ ଅସହାୟକ ଙ୍କ ସେବା,ଓ ଧର୍ମ କୁ ଆଧାର କରି ସେବା କରିବାକୁ ପରାମର୍ଶ ଦେବା ସହିତ କୟଳ ଓ ଶାଢ଼ୀ ବଣ୍ଟନ କରିଥିଲେ ।ଏହି ଅବସରେ ଜାନକୀ ବଲ୍ଲଭ ପଟ୍ଟନାୟକ ଙ୍କ ଲିଖିତ ପୁସ୍ତକ 'ଅବତାରି ଦଶ ଅବତାର ଧାରଣା 'ଲୋକାର୍ପଣ ହୋଇଥିଲା ।ଏହି କାର୍ଯ୍ୟକ୍ରମ କୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତଃ ରୁ କୀର୍ତ୍ତନ ଦଳ ଓ ଭକ୍ତ ଯୋଗ ଦେଇଥିଲେ ।ଏହି ଧାର୍ମିକ କାର୍ଯ୍ୟକ୍ରମ କୁ ସଙ୍ଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ଓ ଅନନ୍ତ ହରିଦାସ ପରିଚାଳନା କରିଥିବା ବେଳେ ବୋଧାୟନ ମହାରାଜା ଧନ୍ୟବାଦ ଅର୍ପଣ କରିଥିଲେ ।ପ୍ରାୟ ୩୦୦ ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇଥିଲେ ।

# ୨୭ ସବଇନ୍ସପେକ୍ଟର ଓ ୯ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟରଙ୍କ ଜିଲ୍ଲାସ୍ତରରେ ଅଦଳବଦଳ

କୋରେଇ, ୧୯/୧୨ (ନି.ପ୍ର): ଯାଜପୁର ଆରକ୍ଷ ଅଧିକ୍ଷକ ଆଜି ୨୭ଜଣ ସବଇନ୍ସପେକ୍ଟର ଓ ୯ ଜଣ ଆସିଷ୍ଟାଣ୍ଟ ସବଇନ୍ସପେକ୍ଟରଙ୍କ ଜିଲ୍ଲା ସ୍ତରରେ ଅଦଳବଦଳ କରିଛନ୍ତି । ଏନେଇ ଆରକ୍ଷ ଅଧିକ୍ଷକ ଭିନିତ ଅଗ୍ରୱାଲ ଡିଓ ନମ୍ବର ୨୭୧୬ରେ ଚିଠି ନମ୍ବର ୨୬୯୦ରେ ସମସ୍ତ ଥାନାକୁ ଜଣାଇଛନ୍ତି । ସବିନ୍ସପେକ୍ଟର କଳ୍ପଲତା ପ୍ରଧାନଙ୍କୁ ବିଂଝାରପୁର ଥାନାରୁ ବରୀ ଥାନା, ସୁଶାନ୍ତ ସେଠୀଙ୍କୁ ହେଡକ୍ୱାଟରରୁ ଯାଜପୁରରୋଡ ଥାନା, ବିପିନ କୁମାର ସାହୁଙ୍କୁ ମଙ୍ଗଳପୁର ଥାନାରୁ କୋରେଇ ଥାନା, ବିଶ୍ୱଜିତ ବିଶ୍ୱାଳ ଓ ସୁରେନ୍ଦ୍ର ରଥଙ୍କୁ କୋରାଇ ଥାନାରୁ ମଙ୍ଗଳପୁର ଥାନା, ଜ୍ୟୋତିରଂଜନ ମହାପାତ୍ରଙ୍କୁ ଯାଜପୁରରୋଡ ଥାନାରୁ କଳିଙ୍ଗନଗର ଥାନା, ସଂଯୁକ୍ତା ବେହେରାଙ୍କୁ ଯାଜପୁରରୋଡ ଥାନାରୁ ଯାଜପୁର ଟାଉନ ଥାନା, ଅନିତା ପ୍ରଧାନଙ୍କୁ କୁଆଖିଆ ଥାନାରୁ ବିଂଝାରପୁର ଥାନା, ବାସୁଦେବ ପରିଡାଙ୍କୁ ଚଡେଇଧରା ବିଟ ହାଉସରୁ କୋରେଇ ଥାନା, ସୁବାସ ମୁଦୁଲିଙ୍କୁ ବଡଚଣାରୁ ଯାଜପୁର ଥାନା, ଦିଲ୍ଲୀପ କାଣ୍ଡଙ୍କୁ ଚଣ୍ଡଖୋଲ ଫାଣ୍ଡିରୁ ଦଶରଥପୁର ଥାନା, ଗୋବର୍ଦ୍ଧନ ନାୟକଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଯାଜପୁର ସଦର ଥାନା, ଶଶିଭୂଷଣ ପରିଡାଙ୍କୁ ବାଲିଚନ୍ଦ୍ରପୁର ଥାନାରୁ ଜେନାପୁର ଥାନା, ହେଡକ୍ୱାଟରୁ ବିଶ୍ୱରଂଜନ ନାୟକଙ୍କୁ ପାଣିକୋଇଲି ଥାନା, ମନୋରଂଜନ ସେଠୀଙ୍କୁ କୋରେଇ ଥାନା, ନାରାୟଣ ବେହେରାଙ୍କୁ ବିଂଝାରପୁର ଥାନା, ପ୍ରୀୟ ରଂଜନ ସେଠୀଙ୍କୁ ବାଲିଚନ୍ଦ୍ରପୁର ଥାନା, ଲକ୍ଷ୍ମୀପ୍ରିୟା ଦାସଙ୍କୁ ବରୀ ଥାନାରୁ ଯାଜପୁରରୋଡ ଥାନା, ମହେନ୍ଦ୍ର ସେଠୀଙ୍କୁ ଯାଜପୁର ଥାନାରୁ ବଡଚଣା ଥାନା, ଚିତରଂଜନ ଜେନାଙ୍କୁ ବରୀରୁ ହେଡକ୍ୱାଟର, ପାର୍ବତୀ ମଲିକଙ୍କୁ ଦଶରଥପୁର ଥାନାରୁ ଟମକା ଥାନା, ମହମ୍ମଦ ସୁରଜଙ୍କୁ ବଡଚଣା ଥାନାରୁ ଛତିଆ ବିଟ ହାଉସ, ଜହର ଆବେଦିନଙ୍କୁ ଛତିଆ ବିଟ ହାଉସରୁ ଚଣ୍ଡିଖୋଲ ଫାଣ୍ଡି, ସୌମ୍ୟ ରଂଜନ ଭୋଳଙ୍କୁ ଜେନାପୁର ଥାନାରୁ ଚଡେଇଧରା ବିଟ ହାଉସ, ଅର୍ନ୍ତଜ୍ୟାମୀ ଶ୍ରୀଚନ୍ଦନଙ୍କୁ ମଙ୍ଗଳପୁର ଥାନାରୁ ଯାଜପୁର ଥାନା, ବିଦ୍ୟୁତ କୁମାର ଦେହୁରୀଙ୍କୁ ଯାଜପୁର ଥାନାରୁ ବଡଚଣା ଥାନା, ହେମଲତା ଦାସଙ୍କୁ କଳିଙ୍ଗନଗର ଥାନାରୁ କୁଆଖିଆ ଥାନା, ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଦିବାକର ମହାନ୍ତିଙ୍କୁ ହେଡକ୍ୱାଟରରୁ କଳିଙ୍ଗନଗର ଥାନା, ମୁକ୍ତେଶ୍ୱର ଜେନାଙ୍କୁ ହେଡକ୍ୱାଟରୁ ପାଣିକୋଇଲି ଥାନା, ଅଶୋକ କୁମାର ସେଠୀଙ୍କୁ ହେଡକ୍ୱାଟରୁ କଳିଙ୍ଗ

ବୁଧବାର, ଡିସେମ୍ବର ୨୦, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଶ୍ୱବିଦ୍ୟାଳୟରେ ଅନ୍ତଃ ମହାବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାରିପଦା , ୧୯/୧୨ (ନି.ପ୍ର): ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ବିଶ୍ୱ ବିଦ୍ୟାଳୟରେ ଅନ୍ତଃ ମହାବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଅଛି । ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଶୁଳିଆପଦା ସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ ମଧ୍ୟରେ କ୍ରିକେଟ ମେଚ ଅନୁଷ୍ଠିତ ହୋଇଥିବା ବେଳେ, ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରଥମେ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୨୦ ଓଭର ରେ ୪ ୱିକେଟ ହରାଇ ୧୮୫ ରନ କରିଥିବା ବେଳେ, ପି.ଏସ. ମହାବିଦ୍ୟାଳୟ ୨୦ ଓଭର ରେ ୮ ୱିକେଟ ହରାଇ ୧୪୪ କରିଥିଲେ. ପି.ଏସ ମହାବିଦ୍ୟାଳୟର ଶୁଭମ ମହାନ୍ତି ସର୍ବାଧିକ ୩୪ ରନ କରିଥିବା ବେଳେ, ବିଶ୍ୱବିଦ୍ୟାଳୟର ସମିତ ସାମଲ ସର୍ବାଧିକ ୫୮ ବଲରେ ୯୫ରନ କରି ୫ ୱିକେଟ ନେଇ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଥିଲା । ବିଶ୍ୱବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଦୀପ୍ତ ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ଏହି କ୍ରିକେଟ ଟୁର୍ନାମେଣ୍ଟ କୁ ବିଶ୍ୱବିଦ୍ୟାଳୟ ତରଫରୁ ଅଯୋଜନ କରିଥିବା ବେଳେ, ଅଧ୍ୟାପକ ମଦନ ମୋହନ ସାହୁ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

## ନୀଳଗିରି ଉପଖଣ୍ଡ ସ୍ତରୀୟ ତିନିଦିନିଆ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ନୀଳଗିରି , ୧୯/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନୀଳଗିରି ଉପଖଣ୍ଡ ସ୍ତରୀୟ ତିନିଦିନିଆ କୃଷି ଯନ୍ତ୍ରପାତି ମେଳା ୨୦୨୩ସ୍ଥାନୀୟ ଷ୍ଟାଡିୟମ ପଡିଆଠାରେ ଜିଲ୍ଲା କୃଷିଅଧିକାରୀ ନୀଳଗିରି ତରଫରୁ ଆୟୋଜିତ ହୋଇଯାଇଛି । ଏହି ୩ଦିନିଆ କୃଷି ଯନ୍ତ୍ରପାତି ମେଳାକୁ ବାଲେଶ୍ୱରର ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍ଘାଟନ କରିଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ମିଶ୍ର, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ସରୋଜ କୁମାର ମହାପାତ୍ର, କୃଷି ଅଧିକ୍ଷଣଯନ୍ତୀ ଅକ୍ଷୟ କୁମାର ଅଧିକାରୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ତପନ କୁମାର ମହାନ୍ତି, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ବାଲିଆପାଳ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ସ୍ୱାଗତିକା ସାହୁ ପ୍ରମୁଖ ସାମିଲ ଥିଲେ । ମଞ୍ଚାସିନ ଅତିଥିବୃନ୍ଦ ପ୍ରାରମ୍ଭରେ ବୃକ୍ଷହିଁ ଜୀବନ ଉକ୍ତିକୁ ନେଇ ଜଗନ୍ନାଥଙ୍କ ନିକଟରେ ବୃକ୍ଷକୁ ଜଳଦାନ ଏବଂ ପ୍ରଭୁଙ୍କ ଠାରେ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଏହି ଆୟୋଜିତ ମେଳା ସଭାରେ ବରହମପୁର ଅତିରିକ୍ତ କୃଷି ଅଧିକାରୀ ଅରୁଣ ପରିଡା ଏବଂ ବାଲେଶ୍ୱର କୃଷି ବିଭାଗ ଇଂ ତନ୍ମୟିକା ଅତିଥି ପରିଚୟ କରିଥିବା ବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ମହାପାତ୍ର ପୌରହିତ୍ୟ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ମହାପାତ୍ର ଏହି କୃଷି ମେଳାର ଲକ୍ଷ୍ୟ, ଉଦ୍ଦେଶ୍ୟ, ବ୍ୟବହାର ଉପରେ ସମ୍ୟକ ବକ୍ତବ୍ୟ ରଖିଥିଲେ । ଏହି ମେଳାରେ ମୁଖ୍ୟ ଅତିଥି ସମେତ ସମସ୍ତ ଅତିଥି କୃଷି, କୃଷକ, ଯନ୍ତ୍ରପାତି ଓ କୃଷକ ସଶକ୍ତିକରଣ ଉପରେ ବିଶଦ ଭାବରେ ଆଲୋକପାତ କରିଥିଲେ । ଭୁବନେଶ୍ୱରରୁ ଆସିଥିବା କୃଷି ବିଭାଗର ବୈଷୟିକବିତ୍ କୃଷିକ୍ଷେତ୍ରରେ ଯନ୍ତ୍ରପାତି ବ୍ୟବହାର ଫଳରେ ଉତ୍ପାଦନ, ଜୈବିକପଦ୍ଧତି ଅନୁସରଣ କରି ଅଧିକ ଲାଭବାନ ହେବା, ଫଳ, ପନିପରିବା, ଛତୁ ଆଦି ଚାଷକରି ସ୍ୱାବଲମ୍ବୀ ହେବା ଉପରେ ଗୁରୁତ୍ୱ ଦେଇଥିଲେ । ଅଧିକନ୍ତୁ କୃଷି ଯନ୍ତ୍ରପାତି ବ୍ୟବହାର କରି ସରକାରଙ୍କ ଆଭିମୁଖ୍ୟକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ । କୃଷି ଯନ୍ତ୍ରପାତି କ୍ରୟ ଉପରେ ବିଭିନ୍ନ ବର୍ଗ ପାଇଁ ୪୦ପ୍ରତିଶତ ସାଧାରଣବର୍ଗ ପାଇଁ ୫୦ପ୍ରତିଶତ, ଜନଜାତି ବର୍ଗ ଏବଂ ଏସଏସ ଜି ମହିଳା ମାନଙ୍କ ପାଇଁ ସର୍ବୋଚ୍ଚ ୭୫ ପ୍ରତିଶତ ରିହାତି ସୁବିଧା ରହିଥିବା ପ୍ରକାଶ କରିଥିଲେ । ଏହି ମେଳାରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଉଦଯୋଗୀ ମାଛଚାଷୀ, ଛତୁ ଚାଷ, କୁକୁଡ଼ା ଓ ଛେଳି ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମେଳାର ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି ମେଳାରେ କୃଷି ବିଭାଗ, ଉଦ୍ୟାନ, ମତ୍ସ୍ୟ, ପଶୁସମ୍ପଦ, ସମେତ ବିଭିନ୍ନ ବିଭାଗ, ଉଭୟ ବ୍ଲକର ୪୦ଗୋଟି ଷ୍ଟଲର ସଦସ୍ୟ/ସଦସ୍ୟା, ଚାଷୀ ଭାଇ ଭଉଣୀ, ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିବାରୁ କୃଷି ଜିଲ୍ଲା ଅଧିକାରୀ ଶ୍ରୀଯୁକ୍ତ ତୁଷାରକାନ୍ତି ତୁଙ୍ଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବାସୁଦେବପୁର, ୧୯/୧୨ (ନି.ପ୍ର): କଳା ମୁଗୁନି ପଥରରେ ନିର୍ମିତ ୫୭ ଫୁଟର ବିରାଟ ବଡ଼ ହନୁମାନ ମୂର୍ତ୍ତି ତିଆରି ହୋଇଛି । ବିନା ସିମେଣ୍ଟ ରେ ସମଗ୍ର ବିଶ୍ୱରେ ସବୁଠୁ ଉଚ୍ଚ ମୂର୍ତ୍ତି । ୨୦୧୫ ରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ବର୍ତମାନ ଏହି ମୂର୍ତ୍ତି ତିଆରି କାର୍ଯ୍ୟକ୍ରମ ର ମୁଖ୍ୟ ପୃଷ୍ଠ ପୋଷକ ହେଉଛନ୍ତି ଅମୁଲ୍ୟ ବେହେରା । ତାଙ୍କ ପିତା ଅର୍ଜୁନ ବେହେରା । ମାତା ଲୀଳାବତୀ ବେହେରା । ପତ୍ନୀ ଶୁଭଲକ୍ଷ୍ମୀ ବେହେରା, ପୁତ୍ର ଆକାଶ ବେହେରା ଓ କନ୍ୟା ଧରିତ୍ରୀ ବେହେରା । ଶ୍ରୀ ଅମୁଲ୍ୟ ବେହେରା ବର୍ତମାନ କେନିଆ ଦେଶରେ ରହି ବ୍ୟବସାୟ କରୁଛନ୍ତି । ୨୦୧୯ ରେ ମୂର୍ତ୍ତି ସମ୍ପୂର୍ଣ୍ଣ ହେଲା । ଏହି ମନ୍ଦିର ପରିସରରେ ରହିଛି ରାମ, ସୀତା, ଲକ୍ଷ୍ମଣ ଓ ଅନନ୍ତ ନାରାୟଣ ମୂର୍ତ୍ତି । ପାଖାପାଖି ୪ କୋଟି ଟଙ୍କା ଖର୍ଚ୍ଚ ହେଲାଣି । ଏହି ଟ୍ରଷ୍ଟ ଆକାଉଣ୍ଟ କୁ ଲୋକମାନେ କିଛି କିଛି ଦାନ ଦେଉଛନ୍ତି । ବାଲ୍ମୀକି ମୁନି କୁ ଆଧାର କରି ଏହି ସବୁ କାର୍ଯ୍ୟ ଚାଲିଛି । ଏହି କାର୍ଯ୍ୟ ଆଗେଇ ଚାଲିଛି ବାଲେଶ୍ୱର ଜିଲ୍ଲା ସୋର ବ୍ଲକର ବାଳଙ୍ଗ ମୁନି ପାଖରେ । ଏହି ପ୍ରତିଷ୍ଠା ଉତ୍ସବକୁ ଭାରତ ବର୍ଷର ପ୍ରିୟ ପ୍ରଧାନ ମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦି ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅତିଥି ଭାବେ ଆସିବେ ବୋଲି ଯୋଜନା ଚାଲିଛି । ଅମୁଲ୍ୟ ବେହେରା ଙ୍କ ବଡ଼ ଭାଇ ନିର୍ମଳ ବେହେରା, ସାନ ଭାଇ ଦିଲ୍ଲୀପ ବେହେରା ଙ୍କ ସହଯୋଗ ମଧ୍ୟ ରହିଛି । ଏହି ଆଧାତ୍ମିକ ପରିବେଶ କୁ ଆକର୍ଷଣୀୟ କରିବା ପାଇଁ ସମସ୍ତ ଙ୍କ ର ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ଅମୁଲ୍ୟ ବେହେରା ଗଣ ମାଧ୍ୟମ ସାମ୍ନାରେ ପ୍ରକାଶ କରିଛନ୍ତି । ଏହି ହନୁମାନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ପାଇଁ ଆୟୋଜିତ ହୋଇଥିବା ପ୍ରସ୍ତୁତି ବୈଠକ ରେ ଯୋଗ ଦେଇଥିଲେ ବାସୁଦେବପୁର ରୁକ୍ମଣୀ ମେଡିକାଲ ଷ୍ଟୋରର ନିର୍ଦ୍ଦେଶକ କିଶୋର କୁମାର ମହାପାତ୍ର, ସାଇଶିବ ଦନ୍ତ ଚିକିତ୍ସାଳୟର ନିର୍ଦ୍ଦେଶକ ଡାକ୍ତର ରବୀନ୍ଦ୍ର ରାଉଳ, ଶିକ୍ଷାବିତ ନିତ୍ୟାନନ୍ଦ ବେହେରା, ଶିକ୍ଷକ ସନାତନ ବିଶ୍ୱାଳ, ସମାଜସେବୀ ତଥା ଆଦର୍ଶ ନାରୀ ପୁଷ୍ପାଞ୍ଜଳି ମହାପାତ୍ର, ରଙ୍ଗରାଗ ସାହିତ୍ୟ ପରିଷଦର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି । ଭଗବାନ ଙ୍କ ଆଶୀର୍ବାଦ ଓ ନିର୍ଦ୍ଦେଶ ରେ ଏହି କାର୍ଯ୍ୟ କ୍ରମ ସୁଚାରୁ ରୂପେ ସମ୍ପନ୍ନ ହେବ ।

## ସିଦ୍ଧେଶ୍ୱର ହାଇସ୍କୁଲର ୨ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ

ଜଳେଶ୍ୱର , ୧୯/୧୨ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟି ଅନ୍ତର୍ଗତ ଶାସନବାର୍ଡ ଗ୍ରାମରେ ଥିବା ସିଦ୍ଧେଶ୍ୱର ହାଇସ୍କୁଲରେ ବାର୍ଷିକ କ୍ରୀଡା ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ହରିଶଂକର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଳେଶ୍ୱର ଆଇଆଇସି ମୁଖ୍ୟଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖେଳୁଆର୍ଡ ମନଭାବ ସୃଷ୍ଟି କରିବା ଶିକ୍ଷକ/ଶିକ୍ଷିକାମାନଙ୍କ ଦାୟିତ୍ୱ ବୋଲି କହିଥିଲେ । ସମ୍ମାନିତ ଅତିଥିଭାବେ ଦୁର୍ଜୟ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ । ଦୁଇଦିନ ଧରି ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଭାଗ ନେଇଥିବା ଜଣାଯାଇଛି ।

## ଯୌତୁକ ନିବାରଣ ଅଭିଯାନ ସଚେତନତା ଓ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଜଳେଶ୍ୱର , ୧୯/୧୨ (ନି.ପ୍ର): ଶ୍ରୀଜଗନ୍ନାଥ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକା। କାର୍ଯ୍ୟକ୍ରମ ଉପଲକ୍ଷେ ଯୌତୁକ ନିବାରଣ ଅଭିଯାନ ସଚେତନତା ର୍ୟାଲି ଅନୁଷ୍ଠିତ ହୋଇ ଯାଇଛି । ବିଭିନ୍ନ ପ୍ଲାକାର୍ଡ ଓ ନାରା ଦେଇ ଛାତ୍ରୀମାନେ ସହର ପରିକ୍ରମା କରିଥିଲେ । ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅଧ୍ୟକ୍ଷା ମାମିରାଣୀ ମହାନ୍ତି ଦ୍ୱାରା ଉଦ୍‌ଘାଟିତ ହୋଇ ଯାଇଛି । ବିଭିନ୍ନ ବିଭାଗର କ୍ରୀଡାରେ ଛାତ୍ରୀମାନେ ଭାଗ ନେଇ ପାରଦର୍ଶୀତା ଦେଖାଇଥିଲେ । ସେହିପରି ଛାତ୍ରୀମାନେ ପାରମ୍ପରିକ ଲୋକନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ଜଣାଯାଇଛି । ସମସ୍ତ କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଡ. ନିଳକଣ୍ଠ ଖଣ୍ଡା ସଂଯୋଜନା କରିଥିବା ବେଳେ ଚନ୍ଦ୍ରଲେଖା ମହାକୁଡ, ଉଦୟ ଗିରି, କବିତାବାଳା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ମୟୂରଭଞ୍ଜରେ ଅନୁଷ୍ଠିତ ହେଲା ନୂଆ-ଓ କାର୍ଯ୍ୟକ୍ରମ

ବାରିପଦା , ୧୯/୧୨ (ନି.ପ୍ର): ରାଜ୍ୟରେ ଯୁବ ଶକ୍ତିର ବିକାଶ ପାଇଁ ଓଡ଼ିଶା ସରକାରଙ୍କର ଅନ୍ୟତମ ପ୍ରୟାସ ନୂଆ - ଓ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମ । ସମଗ୍ର ଜିଲ୍ଲାରୁ ଆସିଥିବା ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଛାତ୍ର ଛାତ୍ରୀ ଙ୍କ ପାଇଁ ଏହି ଦିବସବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାରିପଦାଠାରେ ବିଶ୍ୱବିଦ୍ୟାଳୟ ପଡିଆରେ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ୫ଞ୍ଚ ତଥା ନବୀନ ଓଡିଶା ଅଧକ୍ଷ ଶ୍ରୀ ଭି.କେ. ପାଣ୍ଡିଆନ ନୂଆ ଓଡିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ପ୍ରେରଣା ଦେଇଥିଲେ । ନୂଆ-ଓ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ ଯେ ଏହା ଯୁବକଯୁବତୀ ମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହିତ ସେମାନଙ୍କର ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶରେ ମଧ୍ୟ ଏହା ସହାୟକ ହେବ । ଏହାସହିତ ପାଠପଢାରେ ମଧ୍ୟ ସେମାନେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ । ଶିକ୍ଷକଙ୍କ ମାର୍ଗ ଦର୍ଶନ ହିଁ ଜୀବନରେ ସଫଳତା ଆଣିଥାଏ ବୋଲି ଶ୍ରୀ ପାଣ୍ଡିଆନ୍ ମତ ଦେଇ ପ୍ରାଚୀନ ଗୁରୁ ଶିଷ୍ୟ ପରମ୍ପରା ର ଉଦାହରଣ ଦେଇଥିଲେ । ଏହି ଦିବସବ୍ୟାପି କାର୍ଯ୍ୟକ୍ରମରେ ଓଡ଼ିଆ ସିନେ ଜଗତର ପୁରୁଖା ଅଭିନେତା ତଥା ନିର୍ଦ୍ଦେଶକ, କୁନା ତ୍ରିପାଠୀ, ସୁନାମଧ୍ୟାନ୍ୟ ସଂଗୀତଜ୍ଞ ମଣ୍ଟୁ ଛୁରିଆ, ହାସ୍ୟ ଅଭିନେତା ମଳୟ କୁମାର ଏବଂ ବିଭିନ୍ନ ନୃତ୍ୟ ଗ୍ରୁପ ପ୍ରମୁଖ ନିଜ କଳାର ପ୍ରଦର୍ଶନ କରି ଉଚ୍ଚ ପ୍ରସଂଶିତ ହୋଇଥିଲେ ଏବଂ ଉପସ୍ଥିତ ଛାତ୍ର ଛାତ୍ରୀ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଭରପୁର ଉପଭୋଗ କରିଥିଲେ । ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଜିଲ୍ଲା ସ୍ତରରୁ ଉନ୍ନୀତ, ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କର ଯାଇଥିଲା । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ (ଭା.ପ୍ର.ସେ.)ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ (ଭା.ପ୍ର.ସେ.), ଜିଲ୍ଲା ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ଏସ. ସୁଶ୍ରୀ (ଭା.ପୋ.ସେ.), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଓ.ପ୍ର.ସେ, (ବରିଷ୍ଠ), ଅତିରିକ୍ତ ଜିଲ୍ଲାପାଳ (ରାଇରଙ୍ଗପୁର), ଶ୍ରୀ ଦୌଲତ ଚନ୍ଦ୍ରକାର, ଓ.ପ୍ର.ସେ,(ବରିଷ୍ଠ), ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଅଭିମନ୍ୟୁ ବେହେରା, ଓ.ପ୍ର.ସେ, (ବରିଷ୍ଠ), ବାରିପଦା ଉପାଜିଲ୍ଲପାଳ, ଶ୍ରୀ ଈଶ୍ୱର ଚନ୍ଦ୍ର ନାୟକ, ଓ.ପ୍ର.ସେ, (ବରିଷ୍ଠ), ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଶ୍ରୀ ରଜନୀ କାନ୍ତ ସ୍ୱାଇଁ , ଓ.ପ୍ର.ସେ,(ବରିଷ୍ଠ), ଜିଲ୍ଲା ପରିଷଦ ଅତିରିକ୍ତ ଉନ୍ନୟନ ଅଧିକାରୀ ଶ୍ରୀ ଦେବାଶିଷ ମହାପାତ୍ର (ଓ.ପ୍ର.ସେ), ବାରିପଦା ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀ ବସନ୍ତ କୁମାର ସେଠି, ଓ.ପ୍ର.ସେ,(ବରିଷ୍ଠ), ଆଇ.ଟି.ଡ଼ି.ଏ.. ପି.ଏ, ଶ୍ରୀ ରାମଚନ୍ଦ୍ର ହାଁସଦା ଓ.ପ୍ର.ସେ, (ବରିଷ୍ଠ), ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି (ଓ.ସୂ.ସେ) ,ଜିଲ୍ଲା ସଂସ୍କୃତି ଅଧିକାରୀ, ଶ୍ରୀ ଅନନ୍ତ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ଶିଶୁ ବିକାଶ ଅଧିକାରିଣୀ, ମମତାମୟୀ ବିଶ୍ୱାଳ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ କର୍ମଚାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନିଜର ଯୋଗଦାନ କରି ଏହାକୁ ସଫଳ କରାଇଥିଲେ । ମୟୁରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ । ୧୦,୨୧୦ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେଉଥିବା ଏହି ପ୍ରକଳ୍ପ ଦ୍ୱାରା ୨,୭୦,୯୦୦ ଏକର ଚାଷଜମି ଜଳସେଚିତ ହୋଇପାରିବ । ସମୀକ୍ଷାରୁ ଜଣାଯାଇଥିଲା ଯେ ୨୦୨୪ ମଇ ସୁଦ୍ଧା ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଶେଷ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜୁନ ୨୦୨୮ ସୁଦ୍ଧା ସଂପୂର୍ଣ୍ଣ ହେବ ।ଏହି ଅବସରରେ ଶ୍ରୀ ପାଣ୍ଡିଆନ ଦେଓ, ଉଦଳାର ସୋନ ପ୍ରକଳ୍ପ, ଖଇରୀ ବନ୍ଧନ ପ୍ରକଳ୍ପ ଓ କ୍ଲଷ୍ଟର ବୃହତ ଉଠାଜଳସେଚନ ପ୍ରକଳ୍ପ ଆଦି ପ୍ରମୁଖ ଜଳସେଚନ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହିସବୁ ପ୍ରକଳ୍ପ ଗୁଡିକ ପାଇଁ ୩୨୮୨ କୋଟି ଟଙ୍କା ବିନିଯୋଗ ହେଉଥିବା ବେଳେ, ଏହାଦ୍ୱାରା ୧,୧୬,୫୦୦ ଏକର ଜମି ଜଳସେଚିତ ହୋଇପାରିବ । ଏହିସବୁ ପ୍ରକଳ୍ପ ଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରୀ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ସେ ବାରିପଦାରେ ବୁଢାବଳଙ୍ଗ ଉପରେ ନିର୍ମାଣାଧୀନ ନଦୀ ବନ୍ଧ ଏବଂ ରିଂଗ ରୋଡ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ । ଏଥିପାଇଁ ୧୫୪ କୋଟି ଟଙ୍କା ବିନିଯୋଗ କରାଯାଉଛି । ଏହାସହିତ ୭୨.୬୩ କୋଟି ଟଙ୍କାରେ ନିର୍ମିତ ହେବାକୁ ଥିବା ଘାଟି ରାସ୍ତା, ବାରିପଦାରେ ୪୮ କୋଟି ଟଙ୍କା ବ୍ୟୟରେ ବୁଢାବଳଙ୍ଗ ନଦୀ ଉପରେ ବୃହତ ସେତୁର ନିର୍ମାଣ, ୩୦୬ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲ ଏବଂ ବାରିପଦା 